# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXIV | DECEMBER 2022 | No.10




## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଲୂକ ୧ : ୨୬–୩୩)

୨୬ ପରେ ଷଷ୍ଠ ମାସରେ ଗାବ୍ରିଏଲ ଦୂତ ଈଶ୍ୱରଙ୍କ ନିକଟରୁ ଗାଲିଲୀର ନାଜରିତ ନାମକ ନଗରକୁ ଜଣେ କନ୍ୟା ନିକଟକୁ ପ୍ରେରିତ ହେଲେ;

୨୭ ଦାଉଦଙ୍କ ବଂଶର ଯୋଷେଫ ନାମକ ଜଣେ ପୁରୁଷଙ୍କ ସହିତ ତାଙ୍କର ବିବାହ ନିର୍ବନ୍ଧ ହୋଇଥିଲା; ସେହି କନ୍ୟାଙ୍କ ନାମ ମରୀୟମ ।

୨୮ ସେ ଗୃହରେ ପ୍ରବେଶ କରି ତାଙ୍କ ନିକଟକୁ ଆସି କହିଲେ, ଆଗୋ ଅନୁଗ୍ରହପାତ୍ରୀ, ତୁମ୍ଭର ମଙ୍ଗଳ ହେଉ, ପ୍ରଭୁ ତୁମ୍ଭର ସହବର୍ତ୍ତୀ ।

୨୯ କିନ୍ତୁ ସେ ଏହି ବାକ୍ୟରେ ଅତିଶୟ ଉଦ୍‌ବିଗ୍ନ ହୋଇ ଏହା କିପ୍ରକାର ସମ୍ଭାଷଣ ବୋଲି ମନରେ ଆନ୍ଦୋଳନ କରିବାକୁ ଲାଗିଲେ ।

୩୦ ସେଥିରେ ଦୂତ ତାଙ୍କୁ କହିଲେ, ଆଗୋ ମରୀୟମ, ଭୟ କର ନାହିଁ, କାରଣ ତୁମ୍ଭେ ଈଶ୍ୱରଙ୍କ ଛାମୁରେ ଅନୁଗ୍ରହ ପ୍ରାପ୍ତ ହୋଇଅଛ ।

୩୧ ଆଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବ ।

୩୨ ସେ ମହାନ ହେବେ ଓ ପରାତ୍ପରଙ୍କ ପୁତ୍ର ବୋଲି ଖ୍ୟାତ ହେବେ; ପ୍ରଭୁ ଈଶ୍ୱର ତାହାଙ୍କୁ ତାହାଙ୍କ ପିତା ଦାଉଦଙ୍କ ସିଂହାସନ ଦାନ କରିବେ,

୩୩ ସେ ଯାକୁବବଂଶ ଉପରେ ଯୁଗେ ଯୁଗେ ରାଜତ୍ୱ କରବେ, ପୁଣି ତାହାଙ୍କ ରାଜ୍ୟର ଶେଷ ହେବ ନାହିଁ ।



# ବଡ଼ଦିନର ଆଶୀର୍ବାଦ !

## BLESSINGS OF CHRISTMAS!

ପାଳକ କେ.ଆର୍. ରାଜଶେଖରନ୍

ପୃଥିବୀର ଅନେକ ଲୋକ ପ୍ରଥମ ବଡ଼ଦିନକୁ ଦେଖି୍ ନ ଥିଲେ । ସେମାନେ ଏହା ବିଷୟରେ ଅଜ୍ଞ ଥିଲେ । ଏହା ଘଟିଥିଲା ବୋଲି ସେମାନେ ଜାଣି ନ ଥିଲେ । ସେମାନେ ଏହାର ଗୁରୁତ୍ୱକୁ ମଧ୍ୟ ଜାଣି ନ ଥିଲେ, ଖୁବ୍ ଅଳ୍ପ ଲୋକ ପ୍ରଥମ ବଡ଼ଦିନରେ ଉପସ୍ଥିତ ଥିଲେ । ବର୍ତ୍ତମାନ, ପ୍ରାୟ ୨୦୦୦ ବର୍ଷ ପରେ, ବଡ଼ଦିନ କ'ଣ, ଏହା ସମଗ୍ର ଜଗତ ଜାଣୁଅଛି । ସମଗ୍ର ପୃଥିବୀର କୋଟି କୋଟି ଲୋକ ଉପାସନା ସଭାକୁ ଯାଇ ଖ୍ରୀଷ୍ଟଙ୍କର ଜନ୍ମ ଦିବସ ପାଳନ କରିବେ । କେବଳ ମରିୟମ, ଯୋଷେଫ, ମେଷପାଳକମାନେ ଓ ପଣ୍ଡିତମାନେ ହିଁ ପ୍ରଥମ ବଡ଼ଦିନ ବିଷୟରେ ଜାଣିଥିଲେ । ସେମାନେ ପ୍ରଥମ ବଡ଼ଦିନରେ ଉପସ୍ଥିତ ରହିଥିବାରୁ, ତାହା ସେମାନଙ୍କୁ ଏତେ ବିଶେଷ ଲୋକ କରିଥିଲା କି ? ଈଶ୍ୱର ସେମାନଙ୍କୁ କିପରି ମନୋନୀତ କରନ୍ତି, ଯେଉଁମାନଙ୍କୁ ସେ ଆଶୀର୍ବାଦ କରିବାକୁ ଯାଉଥା'ନ୍ତି ? ଈଶ୍ୱର ଯେଉଁମାନଙ୍କୁ ମନୋନୀତ କରନ୍ତି ଓ ବ୍ୟବହାର କରନ୍ତି, ସେମାନଙ୍କ ବିଷୟରେ, ମୁଁ କିଛି କ୍ଷଣ ଚିନ୍ତା କରିବାକୁ ଚାହୁଁଛି ।

ପ୍ରକୃତ ବିଷୟ ହେଉଛି, ଯଦି ଆପଣ ମରିୟମ, ଯୋଷେଫ, ମେଷପାଳକ ଓ ପଣ୍ଡିତମାନଙ୍କ ଭଳି କାର୍ଯ୍ୟ କରିବେ, ଯଦି ଆପଣ ବର୍ତ୍ତମାନ ଏହାକୁ କରିବେ, ତେବେ ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରିବେ ଓ ଏହା ଆପଣଙ୍କ ପାଇଁ ମଧ୍ୟ ଏକ ଆଶୀର୍ବାଦଯୁକ୍ତ ବଡ଼ଦିନ ହେବ । ଆପଣ ଦେଖନ୍ତୁ – **ଯୋଷେଫ ସହଯୋଗ କରିଥିଲେ, ମେଷପାଳକମାନେ ଆନନ୍ଦ କରିଥିଲେ, ମରିୟମ** ଚିନ୍ତା କରିଥିଲେ ଓ ପଣ୍ଡିତମାନେ ପବିତ୍ରୀକୃତ କରିଥିଲେ । ଆସନ୍ତୁ, ଏଗୁଡ଼ିକ ଉପରେ ଗୋଟିଏ ପରେ ଗୋଟିଏ ଚିନ୍ତା କରିବା ।

### ୧. ଯୋଷେଫ ଈଶ୍ୱରଙ୍କ ଯୋଜନା ସହିତ ସହଯୋଗ କରିଥିଲେ ।

"ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଏହିପ୍ରକାର ହେଲା । ତାହାଙ୍କ ମାତା ମରିୟମଙ୍କର ଯୋଷେଫଙ୍କ ସହିତ ବିବାହ ନିର୍ବନ୍ଧ ହେଲା ପରେ ସେମାନଙ୍କ ସହବାସ ପୂର୍ବେ ସେ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଅଛନ୍ତି ବୋଲି ଜଣାପଡ଼ିଲା । ଏଥିରେ ତାଙ୍କ ସ୍ୱାମୀ ଯୋଷେଫ ଧାର୍ମିକ ଥିବାରୁ ଏବଂ ତାଙ୍କୁ ପ୍ରକାଶ୍ୟରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନ କରିବାରୁ



ଗୋପନରେ ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ । କିନ୍ତୁ ସେ ଏହା ମନସ୍ଥ କଲା ପରେ, ଦେଖ, ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ତାଙ୍କୁ ଦର୍ଶନ ଦେଇ କହିଲେ, ହେ ଦାଉଦଙ୍କ ସନ୍ତାନ ଯୋଷେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କର ଗର୍ଭ

....Contd. to page 4

# ECHO OF HIS CALL - (1969-2019 GOLDEN JUBILEE YEAR)

(ECHO GROUP)




## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"...ତୁମ୍ଭେମାନେ ଆଜି ଯେପରି ମିସ୍ରିୟମାନଙ୍କୁ ଦେଖୁଅଛ, ସେପରି ଅନନ୍ତକାଳ ଯାଏ ଆଉ କେବେ ଦେଖିବ ନାହିଁ" (ଯାତ୍ରା ୧୪:୧୩) ।



### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

CHIEF EDITOR
Angeline Selvakumari Henry, M.A., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
EDITORIAL BOARD
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Rev. Dr. K.R. Rajasekaran
Dr. A. Richard Samuel, M.A., Ph.D.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858


CORE LEADERS
Bro. K. Puratchivendan
Bro. A. Edward Durai
Bro. A. Alvin
Bro. K. Abraham
Sis. Dhanalakshmi Chinnaiah

E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

### ପ୍ରିୟ ଭାଇ ଓ ଭଉଣୀମାନେ,

ଆମ ପିତା ଈଶ୍ୱରଙ୍କଠାରୁ ଆପଣମାନଙ୍କ ପ୍ରତି ଅନୁଗ୍ରହ ଓ ଶାନ୍ତି ବର୍ତ୍ତୁ । ଆମର ଯେଉଁ ସଦାପ୍ରଭୁ ପରମେଶ୍ୱର ୨୦୨୨ରେ ଆମକୁ ଆଶୀର୍ବାଦ କରିଛନ୍ତି, ସେ ନୂତନ ବର୍ଷ ୨୦୨୩ ମଧ୍ୟରେ ସୁଦ୍ଧା ଆମ ସମସ୍ତଙ୍କୁ ଆଶୀର୍ବାଦ କରିବେ ।

ଆପଣମାନେ ଈଶ୍ୱରଙ୍କ ଅନୁଗ୍ରହରୁ କୁଶଳରେ ଥିବେ ବୋଲି ଆମେ ଆଶା କରୁଛୁ । ଆମେ ଆପଣମାନଙ୍କୁ ଆମର ନିରବଚ୍ଛିନ୍ନ ପ୍ରାର୍ଥନା ଓ ନିବେଦନରେ ତୋଳି ଧରୁଅଛୁ । ଈଶ୍ୱର ନିଶ୍ଚୟ ଆଗାମୀ ଦିନରେ ଆପଣମାନଙ୍କ ଜୀବନରେ ମହତ୍ କାର୍ଯ୍ୟ ସାଧନ କରିବେ । ଆଜି ହିଁ ଏକ ଆଶ୍ଚର୍ଯ୍ୟକର୍ମ ପାଇଁ ତାଙ୍କୁ ବିଶ୍ୱାସ କରନ୍ତୁ ।


Our Residential Hindi Students

ଆମେ ଭାରତ ଓ ପଡ଼ୋଶୀ ଦେଶଗୁଡ଼ିକର ଅପହଞ୍ଚ ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାରେ ଅତିବ୍ୟସ୍ତ ଅଛୁ । ଇତି ମଧ୍ୟରେ, ଆମେ ଆମ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କୁ ଏକ ବଡ଼ ଶସ୍ୟ ଅମଳ ପାଇଁ ନିଜ ନିଜକୁ ପ୍ରସ୍ତୁତ କରିବାକୁ ତାଲିମ ଦେଉଅଛୁ । ସେମାନେ ଖୁସିରେ ଅଧ୍ୟୟନ କରୁଛନ୍ତି ଓ ପ୍ରଚାର ପାଇଁ ତାଲିମ ନେଉଛନ୍ତି । ବାଇବଲ କଲେଜର ଉଦ୍ୟମ ନିମନ୍ତେ ପ୍ରାର୍ଥନା କରୁଥିବାରୁ ଓ ଅର୍ଥ ସହାୟତା ଦେଉଥିବାରୁ ଆମେ ଆପଣମାନଙ୍କୁ ଧନ୍ୟବାଦ ଦେଉଅଛୁ । ଦୟାକରି ସେହିପରି କରି ଚାଲନ୍ତୁ ।

ଆମେ ଦକ୍ଷିଣ ଭାରତକୁ ଆମର ଯାତ୍ରା ସମୟରେ ଈଶ୍ୱରଙ୍କ ସେବାକାର୍ଯ୍ୟରେ ରହିଥିବା ଆମର ଅଳ୍ପ କେତେକ ସହକର୍ମୀଙ୍କ ସହିତ ସାକ୍ଷାତ୍ କରି ସେମାନଙ୍କ ସହିତ ସଂପର୍କକୁ ଦୃଢ଼ କରିପାରିଛୁ ।

ଆମେ ସେମାନଙ୍କୁ ସେମାନଙ୍କ ନିଜ ନିଜ ଅଞ୍ଚଳରେ ମାଗଣାରେ ସୁସମାଚାର ପତ୍ରିକା ଓ ପୁସ୍ତକ ସବୁ ବଣ୍ଟନ କରିବା ପାଇଁ ସେଗୁଡ଼ିକୁ ଯୋଗାଇ ଦେଇଥିଲୁ । ଆମର ଆହ୍ୱାନର ପ୍ରତିଧ୍ୱନି ସୁସମାଚାର ଛାପାକଳ ଓ ସାହିତ୍ୟର କର୍ମଚାରୀମାନଙ୍କ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଅଛୁ । ଆମେ ପ୍ରତିଦିନ ଅନେକ ଉତ୍ତମ ପ୍ରତିକ୍ରିୟା ପାଉଅଛୁ । ଆମେ ବିଭିନ୍ନ ସ୍ଥାନରେ ଯୁବକ ଯୁବତୀମାନଙ୍କ ପାଇଁ ବିଶେଷ ଶିକ୍ଷାଧିବେଶନ ପରିଚାଳନା କରିଥିଲୁ । ଈଶ୍ୱର ଆମର ଭଉଣୀ ସେଲ୍‌ଭାକୁମାରୀ, ରେଭ.ଡ.ସନ୍ନି ପ୍ରସାଦ, ରେଭ. ଡ. ଆନନ୍ଦବାବୁ, ଇତ୍ୟାଦିଙ୍କୁ ବ୍ୟବହାର କରିଥିଲେ ।


*Pr. Jacob Jeya Kumar, our Gospel Tract Distributor at Villuppuram town.*


*Bro. Solomon Manoharan, businessman, 99 K.M. Coffee Magic & Village Pastor, Mullaivanan, our BIBLECOR Bible Correspondence Course Graduate, Cheyyoor.*


*Pr. Jeba Daniel, Valliyoor town.*


*Pr. Stephen Karthik, Virudhunagar town.*

**Our Ministries:** ECHO OF HIS CALL Monthly Magazines (16 languages) ◘ BIBLECOR - Postal Courses (3 languages) ◘ Online Courses ◘ Theological Correspondence Courses (2 languages) ◘ Church Planting ◘ Nehemiah Bible Colleges ◘ Gospel Printing Press ◘ Great Commission Partners ◘ St. Paul's Matriculation School ◘ Crusades ◘ Community Development



**Sis. Angeline Selvakumari**



**Rev. Dr. Sunny Prasad**



**Rev. Dr. Anand Babu**

ପ୍ରିୟ ବନ୍ଧୁଗଣ, ଏଠାରେ ଈଶ୍ୱରଙ୍କ ସେବାକାର୍ଯ୍ୟ କରିବା କିଛି ସହଜ ବିଷୟ ନୁହେଁ । ଆମକୁ ଆମ କାର୍ଯ୍ୟକାରୀମାନଙ୍କ ପରିବାରଗୁଡ଼ିକରେ ଅସୁସ୍ଥତା, ଶୟତାନର ପ୍ରତ୍ୟକ୍ଷ ଆକ୍ରମଣ, ରାଜନୈତିକ ଚାପ, ଅଣ-ଖ୍ରୀଷ୍ଟିଆନ ବିଷୟ, ଅର୍ଥନୈତିକ ଚାପ ଭଳି ଅବର୍ଣ୍ଣନୀୟ ଓ ଅପରିଚିତ ମନ୍ଦ ଶକ୍ତି ବିରୁଦ୍ଧରେ ଯୁଦ୍ଧ କରିବାକୁ ପଡୁଛି । ବାସ୍ତବରେ ଆମେ କଷ୍ଟକର ପରିସ୍ଥିତିରେ ସଂଘର୍ଷ କରୁଅଛୁ । କେବଳ ଆମେ ନୁହେଁ, ମାତ୍ର ଈଶ୍ୱରଙ୍କର ସମସ୍ତ ବାସ୍ତବ ଦାସ ମଧ୍ୟ ସେହି ସମାନ ନୌକାରେ ଯାତ୍ରା କରୁଛନ୍ତି । ଆପଣମାନଙ୍କ ଭଳି ଲୋକ ଯଦି ଆପଣମାନଙ୍କ ପ୍ରାର୍ଥନା ଓ ସହାୟତା ଦ୍ୱାରା ଆମକୁ ଟେକି ନ ଧରିବେ, ତେବେ ହଜା ଆତ୍ମାମାନଙ୍କ ନିକଟରେ ପହଞ୍ଚିବା ଆମ ପାଇଁ ଅତି କଷ୍ଟକର ହେବ । ସେଥିପାଇଁ ଦୟାକରି ନିମ୍ନଲିଖିତ ବିଷୟ ପାଇଁ ଆଗକୁ ଆସନ୍ତୁ –

୧. ଆମ ପାଇଁ ଓ ଭାରତ ତଥା ପଡ଼ୋଶୀ ଦେଶଗୁଡ଼ିକରେ ରହିଥିବା ଈଶ୍ୱରଙ୍କ ସମସ୍ତ ଦାସ ଓ ସମସ୍ତ ମଣ୍ଡଳୀଗୁଡ଼ିକ ନିମନ୍ତେ ଆପଣମାନଙ୍କର ପ୍ରାର୍ଥନାର ସମୟକୁ ବୃଦ୍ଧି କରନ୍ତୁ ।

୨. ପାଳକ, ପ୍ରଚାରକ, ସଂଗୀତଜ୍ଞ, ଆମ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଶିକ୍ଷକ, ଆମ ନିହିମିୟା ବାଇବଲ କଲେଜର ଅଧ୍ୟାପକ, ପ୍ରଶାସନିକ କର୍ମଚାରୀ, ସୁପର ଭାଇଜର, ଟେକ୍‌ନିକାଲ୍ କର୍ମଚାରୀ, ଇତ୍ୟାଦି, ଭାବରେ ଆମ ''ଆହ୍ୱାନର ପ୍ରତିଧ୍ୱନି''ରେ ଈଶ୍ୱରଙ୍କ ସେବା କରନ୍ତୁ ।

୩. ପ୍ରଭୁଙ୍କ ଚାଳନା ଅନୁସାରେ ଆପଣମାନଙ୍କର ଅର୍ଥ ସହାୟତା ବୃଦ୍ଧି କରନ୍ତୁ କାରଣ ଆମ କର୍ମଚାରୀମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକର ଦାବୀ, ଛାପା କାଗଜର ମୂଲ୍ୟ, ଛାପା କାର୍ଯ୍ୟ ପାଇଁ ସ୍ୟାହି, ଡାକ ଖର୍ଚ୍ଚ, ଗୃହ ପାଇଁ ଭଡ଼ା, ରକ୍ଷଣାବେକ୍ଷଣ, ଇତ୍ୟାଦିର ଖର୍ଚ୍ଚ ଅତିଶୟ ବୃଦ୍ଧି ପାଇଅଛି ।

## ଆଞ୍ଚଳିକ ସଭାଗୁଡ଼ିକ

କୋଭିଡ୍ – ୧୯ ପରେ ରବିବାର ଉପାସନା ସଭାଗୁଡ଼ିକରେ ମଣ୍ଡଳୀର ସଦସ୍ୟମାନେ ଖୁବ୍ କମ୍ ସଂଖ୍ୟାରେ ଯୋଗ ଦେଉଥିବାରୁ, ଆମେ ପ୍ରତିଦିନ ସନ୍ଧ୍ୟା ୬.୦୦ରୁ ସନ୍ଧ୍ୟା ୭.୦୦ ପର୍ଯ୍ୟନ୍ତ ସଦସ୍ୟମାନଙ୍କର ଆଞ୍ଚଳିକ ସଭାଗୁଡ଼ିକର ଆୟୋଜନ କରୁଅଛୁ । ଆମେ ଆଞ୍ଚଳିକ ନେତାମାନଙ୍କ ସାହାଯ୍ୟରେ ସେମାନଙ୍କ ସହିତ ସାକ୍ଷାତ୍ କରି ବ୍ୟକ୍ତିଗତ ଭାବେ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ । ଆମେ ସେମାନଙ୍କୁ ସେମାନଙ୍କ ପରିବାର ସହିତ ଆମନ୍ତ୍ରଣ କରି ସେମାନଙ୍କର ସମସ୍ୟାଗୁଡ଼ିକ ଜଣାଇବା ଅନୁମତି ଦେଉଅଛୁ ଓ ସେମାନଙ୍କୁ ଉତ୍ସାହିତ କରୁଅଛୁ । ଏହି ପ୍ରଚେଷ୍ଟା ଅତି ସଫଳ ଅଟେ କାରଣ ବର୍ତ୍ତମାନ ଆମ ମଣ୍ଡଳୀର ସଦସ୍ୟମାନଙ୍କ ଉପସ୍ଥିତି ବୃଦ୍ଧି ପାଉଅଛି । ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପବିତ୍ର ନାମର ପ୍ରଶଂସା ହେଉ ।

ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଆମେ ବିଗତ ବର୍ଷ ଗୁଡ଼ିକରେ କୋଭିଡ୍-୧୯ ଦ୍ୱାରା ଆକ୍ରାନ୍ତ ଦରିଦ୍ର ଲୋକମାନଙ୍କୁ ଜାତି, ଧର୍ମ ଓ ସଂପ୍ରଦାୟ ନିର୍ବିଶେଷରେ ଗୋଟିଏ ଛୋଟ ମାର୍ଗରେ ସାହାଯ୍ୟ କରିବାକୁ ସମର୍ଥ ହୋଇଥିଲୁ । ଏପରିକି ବର୍ତ୍ତମାନ ମଧ୍ୟ ସାଧାରଣ ଲୋକମାନେ କୋଭିଡ୍-୧୯ ପରବର୍ତ୍ତୀ ସମସ୍ୟା ଓ ଅନ୍ୟାନ୍ୟ ରୋଗ ଯୋଗୁ ଦୁଃଖଭୋଗ କରୁଛନ୍ତି । ଆମେ ଦରିଦ୍ର ଓ ଦଳିତମାନଙ୍କୁ ଡାକ୍ତରୀ ଓ ଶିକ୍ଷାଗତ ସୁବିଧା



ଯୋଗାଇଦେବା ନିମନ୍ତେ କିଛି ଅର୍ଥ ଆବଶ୍ୟକ କରୁଅଛୁ । ଏହିପରି ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଆପଣମାନଙ୍କ ଭଳି କିଛି ଲୋକମାନଙ୍କୁ ଉଠାଇବା ନିମନ୍ତେ ଆମେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ । ଯଦି ପ୍ରଭୁ ଏହି ସାଧାରଣ ଆବଶ୍ୟକତା ପୂରଣରେ ଅଂଶଗ୍ରହଣ କରିବା ପାଇଁ ଆପଣମାନଙ୍କୁ ଚାଳନା ଦେଉଛନ୍ତି, ତେବେ ଆପଣମାନେ ଏହି ଉଦ୍ଦେଶ୍ୟ ନିମନ୍ତେ ଆପଣମାନଙ୍କ ଚେକ୍/ଡିମାଣ୍ଡଡ୍ରାଫ୍ଟ "Echo of His Call Educational Trust" କୁ ପ୍ରେରଣ କରିପାରିବେ । (ଆମେ ଆପଣମାନଙ୍କୁ ଆୟକର ଆଇନ୍‌ର (80-G) ବିଭାଗ ଅଧୀନରେ କର ରିହାତି ରସିଦ୍ ପ୍ରଦାନ କରିବୁ) । "Echo of His Call Educational Trust" ଗୋଟିଏ ସରକାରୀ ଅଧିକାରପ୍ରାପ୍ତ ଦାତବ୍ୟ ଅନୁଷ୍ଠାନ ଅଟେ ।

ଆମେ ଆପଣମାନଙ୍କ ନିମନ୍ତେ ଓ ଆପଣମାନଙ୍କର ଆବଶ୍ୟକତାଗୁଡ଼ିକ ନିମନ୍ତେ ପ୍ରାର୍ଥନା କରୁଅଛୁ । ଈଶ୍ୱର ଆପଣମାନଙ୍କୁ ଅଧିକରୁ ଅଧିକ ଆଶୀର୍ବାଦ କରନ୍ତୁ ଓ ନୂତନ ବର୍ଷ ୨୦୨୩ରେ ନୂତନ ଶକ୍ତି, କ୍ଷମତା, ଜ୍ଞାନ ଓ ଦୀର୍ଘାୟୁ ସହିତ ଅଗ୍ରସର ହେବା ନିମନ୍ତେ ଆପଣମାନଙ୍କୁ ସାମର୍ଥ୍ୟ ଦିଅନ୍ତୁ ।

**ପ୍ରଭୁ ଆପଣମାନଙ୍କୁ ଆଶୀର୍ବାଦ କରି ରକ୍ଷା କରନ୍ତୁ, ପ୍ରଭୁ ଆପଣମାନଙ୍କ ଉପରେ ଆପଣା ମୁଖର ତେଜ ପ୍ରକାଶ କରନ୍ତୁ ଓ ଆପଣମାନଙ୍କୁ ଅନୁଗ୍ରହ କରନ୍ତୁ, ସଦାପ୍ରଭୁ ଆପଣମାନଙ୍କ ଉପରେ ତାଙ୍କର ମୁଖ ଉଠାନ୍ତୁ ଓ ଆପଣମାନଙ୍କୁ ଶାନ୍ତି ଦିଅନ୍ତୁ (ଗଣନା ୬:୨୪-୨୬) ।**

**ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ,**
**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**
(+91) 98412 71858 / 98410 71858,
E.mail : samselvaraj333@gmail.com

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

**ପବିତ୍ର ଆତ୍ମାଙ୍କ କର୍ତ୍ତୃକ ହୋଇଅଛି, ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ । ଭାବବାଦୀଙ୍କ ଦ୍ୱାରା ପ୍ରଭୁଙ୍କ ଉକ୍ତ ଏହି ବାକ୍ୟ ଯେପରି ସଫଳ ହୁଏ, ଏଥି ନିମନ୍ତେ ଏ ସମସ୍ତ ଘଟିଲା, ଦେଖ, ଜଣେ କନ୍ୟା ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମ୍ମାନୁୟେଲ ଦେବେ, ଏହି ନାମର ଅର୍ଥ ''ଆମ୍ଭମାନଙ୍କ ସହିତ ଈଶ୍ୱର ।'' ଏଥିରେ ଯୋଷେଫ ନିଦ୍ରାରୁ ଉଠି ପ୍ରଭୁଙ୍କ ଦୂତ ତାଙ୍କୁ ଯେପରି ଆଜ୍ଞା ଦେଇଥିଲେ, ସେହିପରି କଲେ ଓ ନିଜ ଭାର୍ଯ୍ୟାଙ୍କୁ ଗ୍ରହଣ କଲେ'' (ମାଥିଉ ୧:୧୮-୨୪) ।**

ଆସନ୍ତୁ, ଆମେ ଯୋଷେଫଙ୍କ ଠାରୁ ଆରମ୍ଭ କରିବା । ଯୋଷେଫଙ୍କୁ ସର୍ବାଧିକ ଗୌଣ ବ୍ୟକ୍ତି, ଏପରିକି ବଡ଼ଦିନ କାହାଣୀରେ ଅବହେଳିତ ଚରିତ୍ର ଭାବରେ ଦେଖାଯାଏ । ସେ ଏକ ପ୍ରକାର ସହାୟକ ଭୂମିକାରେ ରହିଛନ୍ତି । ଆମେ ତାଙ୍କ ବିଷୟରେ ବେଶୀ କିଛି ଜାଣି ନାହୁଁ । ମାତ୍ର ଯୋଷେଫ କେବଳ ଜଣେ ସାଧାରଣ ବ୍ୟକ୍ତି, ଯୁବକ ଓ ଦରିଦ୍ର ବ୍ୟକ୍ତି ଥିଲେ । ତାଙ୍କ ନିକଟରେ ଅର୍ଥ ନ ଥିଲା । ସେ ଗୋଟିଏ ଛୋଟ ଗ୍ରାମରେ ଏକ ବଢ଼େଇ ଭାବରେ କାର୍ଯ୍ୟ କରୁଥିଲେ । ପୁଣି ତାଙ୍କର ଜଣେ କୁମାରୀ କନ୍ୟାଙ୍କ ସହିତ ବିବାହ

ନିର୍ବନ୍ଧ ହୋଇଥିଲା । ଆମେ ତାଙ୍କ ବିଷୟରେ କେବଳ ଏତିକି ଜାଣୁ । ମରିୟମଙ୍କ ସହିତ ବିବାହ ନିର୍ବନ୍ଧ ପରେ, ମରିୟମ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଏକ ସନ୍ତାନ ଧାରଣ କରିଥିଲେ ।

ବନ୍ଧୁଗଣ, ଆପଣମାନଙ୍କ ପ୍ରତି ଏପରି ଘଟିବ ବୋଲି ଆପଣମାନେ ବିଶ୍ୱାସ କରିବେ କି ? ତାହା ସର୍ବାଧିକ ଅଯୌକ୍ତିକ ଓ କ୍ରୋଧ ଉଦ୍ରେକକାରୀ କାହାଣୀ ଅଟେ । ମାତ୍ର ଏହା ସତ୍ୟ ଅଟେ । ବର୍ତ୍ତମାନ ଏହା ଯୋଷେଫଙ୍କ ପାଇଁ ଏକ ପରୀକ୍ଷା ଥିଲା । ପୁଣି ବାଇବଲ କହେ ଯେ ଯୋଷେଫ ଜଣେ ଧାର୍ମିକ ବ୍ୟକ୍ତି ଥିଲେ ଓ ସେ ନିଜର ସ୍ତ୍ରୀଙ୍କୁ ଲଜ୍ଜିତ କରିବାକୁ ଇଚ୍ଛା କରୁ ନ ଥିଲେ । ସେ କାହାଣୀକୁ ବିଶ୍ୱାସ କରି ନ ଥିଲେ, ମାତ୍ର ବାଇବଲ ନିମ୍ନଲିଖିତ ବିଷୟ ବର୍ଣ୍ଣନା କରିଛି । ୧ ଅଧ୍ୟାୟରେ, ଆମେ ପାଠ କରୁ ଯେ ଯୋଷେଫ ଜଣେ ଉତ୍ତମ ବ୍ୟକ୍ତି ଥିଲେ ଓ ପ୍ରକାଶ୍ୟରେ ମରିୟମଙ୍କୁ ନିନ୍ଦାର ପାତ୍ର କରିବାକୁ ଇଚ୍ଛା କରୁ ନ ଥିଲେ । ସେଥିପାଇଁ ସେ ତାଙ୍କୁ ଗୋପନରେ ପରିତ୍ୟାଗ କରିବା ପାଇଁ ସ୍ଥିର କରିଥିଲେ (ମାଥିଉ ୧:୧୯ ଦେଖନ୍ତୁ) । ସେହି ସମୟରେ ଏକ ନିର୍ବନ୍ଧ ଏକ ବିବାହ ସଦୃଶ ଥିଲା । ଏହା ଏକ ବାଧ୍ୟତାମୂଳକ ଚୁକ୍ତି ଥିଲା । କେହି ବିନା କାରଣରେ ନିର୍ବନ୍ଧକୁ ଭାଙ୍ଗି ପାରୁ ନ ଥିଲା । ନିର୍ବନ୍ଧକୁ ଭାଙ୍ଗିବା ପାଇଁ ବିବାହ-ବିଚ୍ଛେଦ କରିବାକୁ ପଡୁଥିଲା । ସେଥିପାଇଁ ସେ ଗୋପନରେ ତାଙ୍କୁ ପରିତ୍ୟାଗ କରିବା ପାଇଁ ସ୍ଥିର କରିଥିଲେ । ମାତ୍ର ଜଣେ ସ୍ୱର୍ଗ ଦୂତ ସ୍ୱପ୍ନରେ ତାଙ୍କୁ ଦେଖା ଦେଇଥିଲେ । ପୁଣି ଯୋଷେଫ ନିଦ୍ରାରୁ ଜାଗ୍ରତ ହେବା ପରେ, ସଦାପ୍ରଭୁଙ୍କ ଦୂତ ଯାହା କରିବା ପାଇଁ ତାଙ୍କୁ ଆଦେଶ ଦେଇଥିଲେ, ସେ ଠିକ୍ ତାହା ହିଁ କରିଥିଲେ । ‘‘ଏଥିରେ ଯୋଷେଫ ନିଦ୍ରାରୁ ଉଠି ପ୍ରଭୁଙ୍କ ଦୂତ ତାଙ୍କୁ ଯେପରି ଆଜ୍ଞା ଦେଇଥିଲେ, ସେହିପରି କଲେ ଓ ନିଜ ଭାର୍ଯ୍ୟାଙ୍କୁ ଗ୍ରହଣ କଲେ’’ (ମାଥିଉ ୧:୨୪) । ସର୍ବାଧିକ ଅସମ୍ଭବ ବିଷୟକୁ ବିଶ୍ୱାସ କରିବା ପାଇଁ ଓ ଈଶ୍ୱର ଯେ ତାଙ୍କ ଜୀବନ ପାଇଁ ତାଙ୍କର କଳ୍ପନାତୀତ ଏକ ବୃହତ୍ତର ଓ ଉତ୍କୃଷ୍ଟତର ଯୋଜନା ରଖିଛନ୍ତି, ଏହାକୁ ବିଶ୍ୱାସ କରିବା ପାଇଁ ବଡ଼ ବିଶ୍ୱାସ ଆବଶ୍ୟକ ହୋଇଥିଲା ।

ଏଠାରେ ଏପରି ପ୍ରଥମ ବିଷୟ ଅଛି ଯାହାକୁ ଆମେ ଲକ୍ଷ୍ୟ କରିବା ଉଚିତ୍ - ଯଦି ଆପଣ ଈଶ୍ୱରଙ୍କ ଦ୍ୱାରା ଆଶୀର୍ବାଦ ପାଇବାକୁ ଇଚ୍ଛା କରୁଛନ୍ତି, ଯଦି ଆପଣ ଆପଣଙ୍କର ବ୍ୟବସାୟ ଉପରେ, ବିବାହ ଉପରେ, ଆପଣଙ୍କର ସଂପର୍କ ଉପରେ, ଆପଣଙ୍କର ବନ୍ଧୁତା ଉପରେ, ଆପଣଙ୍କର ଅର୍ଥ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ଚାହୁଁଛନ୍ତି, ତେବେ ଆପଣଙ୍କୁ ମଧ୍ୟ ଯୋଷେଫ ଭଳି ଆପଣଙ୍କ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଯୋଜନା ସହିତ ସହଯୋଗ କରିବାକୁ ହେବ ଓ ଆପଣଙ୍କ ନିଜସ୍ୱ ଯୋଜନାକୁ ବନ୍ଦ କରିବାକୁ ହେବ । ଏହା ଯୋଷେଫଙ୍କ ଜୀବନର ଗତିପଥକୁ ସଂପୂର୍ଣ୍ଣ ଭାବରେ ବଦଳାଇ ଦେଇଥିଲା । ସେ ପୂର୍ବରୁ ନିଜ ଜୀବନକୁ ମରିୟମ ସହିତ ମିଶି ଯୋଜନାବଦ୍ଧ କରିଥିଲେ । ମାତ୍ର ଈଶ୍ୱରଙ୍କ ଯୋଜନା ବୃହତ୍ତର ଓ ଉତ୍କୃଷ୍ଟତର ଥିଲା । ଯଦି ଆପଣଙ୍କୁ ଅର୍ଥହୀନ ମନେ ହେଉଛି, ତେବେ ସୁଦ୍ଧା ଆପଣ ଆପଣଙ୍କ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଯୋଜନା ସହିତ ସହଯୋଗ କରନ୍ତୁ । ପରେ ଆପଣ ଏହାର ଅର୍ଥ ବୁଝିବେ ।

ପ୍ରିୟ ବନ୍ଧୁଗଣ, ଈଶ୍ୱରଙ୍କ ନିକଟରେ ଏକ ବୃହତ୍ତର ଯୋଜନା ଅଛି । ବାଇବଲ କହେ, ‘‘...ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଙ୍କଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେ ସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଂକଳ୍ପ ଅଟେ’’ (ଯିରି ୨୯:୧୧) । ‘‘ମୁଁ ଯାହା କରୁଅଛି, ତାହା ମୁଁ ଜାଣେ’’ ବୋଲି ଈଶ୍ୱର କହନ୍ତି । ‘‘ମୁଁ ଏହି ସମସ୍ତକୁ ପୂର୍ବରୁ ଯୋଜନା କରିଅଛି । ସେଗୁଡ଼ିକ ତୁମକୁ ଆଘାତ ଦେବା ପାଇଁ ନୁହେଁ, ମାତ୍ର ତୁମର ଯତ୍ନ ନେବା ପାଇଁ ଉତ୍ତମ ଯୋଜନା ଅଟେ ।’’ ଈଶ୍ୱର ଜଣେ ଉତ୍ତମ ଈଶ୍ୱର ଅଟନ୍ତି । ସେ କହନ୍ତି, ‘‘ତୁମ ଭବିଷ୍ୟତ୍‌ରେ ତୁମକୁ ଆଶା ଦେବା ପାଇଁ ମୋର ଯୋଜନାଗୁଡ଼ିକ ଉଦ୍ଦିଷ୍ଟ ଅଟେ ।’’ ଆପଣ ଈଶ୍ୱରଙ୍କୁ କିମ୍ବା ନିଜକୁ ବିଶ୍ୱାସ କରନ୍ତି ? ଆପଣ ଈଶ୍ୱରଙ୍କ ଯୋଜନାରେ କିମ୍ବା ନିଜର ଯୋଜନାରେ ବିଶ୍ୱାସ କରନ୍ତି ? ଯଦି ଆପଣ ନିଜ ଜୀବନରେ ଈଶ୍ୱରଙ୍କ ଆଶୀର୍ବାଦ ଚାହୁଁଛନ୍ତି, ତେବେ ଆପଣଙ୍କ ଜୀବନ ପାଇଁ ଥିବା ଈଶ୍ୱରଙ୍କ ଯୋଜନା ସହିତ ସହଯୋଗ କରନ୍ତୁ । ସେଥିପାଇଁ ଯୋଷେଫ ପ୍ରଥମ ବଡ଼ଦିନରେ ରହିବାର ସୁଯୋଗ ପାଇଥିଲେ । ଆମକୁ ଯୋଷେଫଙ୍କ ଭଳି ଈଶ୍ୱରଙ୍କ ଯୋଜନା ସହିତ ସହଯୋଗ କରିବାକୁ ହେବ ।

## ୨. ମେଷପାଳକମାନେ ଆନନ୍ଦ କରିଥିଲେ ।

**‘‘ସେଥିରେ ଦୂତ ସେମାନଙ୍କୁ କହିଲେ, ଭୟ କର ନାହିଁ, ଦେଖ, ମୁଁ ସମସ୍ତ ଲୋକଙ୍କର ଅତ୍ୟନ୍ତ ଆନନ୍ଦଜନକ ସୁସମାଚାର ତୁମ୍ଭମାନଙ୍କୁ ଜଣାଉଅଛି, କାରଣ ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଅଛନ୍ତି, ସେ ଖ୍ରୀଷ୍ଟ ପ୍ରଭୁ’’ (ଲୂକ ୨:୧୦-୧୧) ।**



ମେଷପାଳକମାନେ ସାମାଜିକ ଭାବରେ ନିମ୍ନ ଶ୍ରେଣୀର ଅଟନ୍ତି । ରୋମ ସାମ୍ରାଜ୍ୟରେ ଓ ନୂତନ ନିୟମ ସମୟରେ, ସେମାନେ ସମାଜଚ୍ୟୁତ ଥିଲେ । ମେଷ ସଦୃଶ ଦୁର୍ଗନ୍ଧ ସେମାନଙ୍କ ଶରୀରରୁ ନିର୍ଗତ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


# ନିହିମିଆ ବାଇବଲ

**ଆବାସିକ ମହାବିଦ୍ୟାଳୟ, ସାଂଧ୍ୟ କଲେଜ**

ଭେଲାଚେରୀ / ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

ECHO OF HIS CALL 1969-2019 GOLDEN JUBILEE (ECHO GROUP)

**ମାଧ୍ୟମ ~ ହିନ୍ଦୀ / ତାମିଲ୍**

Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ - ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**

**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ** — **ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !**

**ଯୋଗାଯୋଗ : The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.**

**Phone : (+91-44) 2852 8282, Cell : (+91) 98410 71852 / 95661 31858**

E.mail : sam@echoofhiscall.org / Website : www.echoofhiscall.org

★ ONLINE CLASSES ARE AVAILABLE ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

## ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୨ ଡିସେମ୍ବର ୧୯ ରୁ ୨୦୨୩ ଜାନୁୟାରୀ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

### ପ୍ରଶଂସାର ବିଷୟ

| | |
|---|---|
| ଡିସେମ୍ବର ୧୯ ⇨ | ଆମର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ସହିତ ଏହାର ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ । |
| ଡିସେମ୍ବର ୨୦ ⇨ | ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ଦେଇଥିବାରୁ । |
| ଡିସେମ୍ବର ୨୧ ⇨ | ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ନିମନ୍ତେ । |
| ଡିସେମ୍ବର ୨୨ ⇨ | ଅପହଞ୍ଚ ଅଞ୍ଚଳରେ ସୁସମାଚାର ପହଞ୍ଚାଇବାରେ ଆମକୁ ଅନୁଗ୍ରହ ପୂର୍ବକ ସାହାଯ୍ୟ କରିଥିବାରୁ । |
| ଡିସେମ୍ବର ୨୩ ⇨ | ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ ପାଠ୍ୟକ୍ରମଗୁଡ଼ିକ ସାହାଯ୍ୟ ଆବଶ୍ୟକ କରୁଥିବା ଲୋକମାନଙ୍କୁ ସେବା ଯୋଗାଇ ଦେଉଥିବାରୁ । |
| ଡିସେମ୍ବର ୨୪ ⇨ | ଆମର ସହଯୋଗୀ ସଂପାଦକ, ସଂଯୋଜକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ । |
| ଡିସେମ୍ବର ୨୫ ⇨ | ଆମ ସମସ୍ତଙ୍କୁ ପରିତ୍ରାଣ ଦେବା ପାଇଁ ଜଗତର ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ଜନ୍ମଗ୍ରହଣ କରିଥିବାରୁ । |
| ଡିସେମ୍ବର ୨୬ ⇨ | କରୋନା ଭୂତାଣୁର ସଂକ୍ରମଣ ହ୍ରାସ ପାଇଥିବାରୁ । |
| ଡିସେମ୍ବର ୨୭ ⇨ | ସେ ଆମର କାର୍ଯ୍ୟକାରୀମାନଙ୍କ ଉପରେ ଆଶୀର୍ବାଦ ବୃଷ୍ଟି କରିଥିବାରୁ । |
| ଡିସେମ୍ବର ୨୮ ⇨ | ମିଶନ କାର୍ଯ୍ୟକାରୀମାନଙ୍କର ଅତି ବଡ଼ ସମର୍ପଣ ନିମନ୍ତେ । |
| ଡିସେମ୍ବର ୨୯ ⇨ | ଏହି ବର୍ଷ ସାରା ସମସ୍ତ ଖ୍ରୀଷ୍ଟୀୟ ଅନୁଷ୍ଠାନର ସୁପରିଚାଳନା ନିମନ୍ତେ । |
| ଡିସେମ୍ବର ୩୦ ⇨ | ଏହି ବର୍ଷ ସାରା ଈଶ୍ୱରଙ୍କ ଦାସମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ଯୋଗାଇ ଦେଇଥିବାରୁ । |
| ଡିସେମ୍ବର ୩୧ ⇨ | ଏହି ୨୦୨୨ ବର୍ଷ ମଧ୍ୟରେ ଆମର ସମସ୍ତ ଆବଶ୍ୟକତାକୁ ଆଶ୍ଚର୍ଯ୍ୟଜନକ ଭାବେ ପୂରଣ କରିଥିବାରୁ । |
| ଜାନୁୟାରୀ ୧ ⇨ | ୨୦୨୨ରେ ସମସ୍ତ ପାଠକ ଓ ଲୋକଙ୍କୁ ଶାନ୍ତି ଦେଇ ନୂତନ ବର୍ଷ ୨୦୨୩ରେ ପ୍ରବେଶ କରାଇଥିବାରୁ । |
| ଜାନୁୟାରୀ ୨ ⇨ | ଈଶ୍ୱର ଆମର ମୁଖ୍ୟ ଓ ଶାଖାମଣ୍ଡଳୀ ଗୁଡ଼ିକରେ ଅଧିକ ବିଶ୍ୱାସୀମାନଙ୍କୁ ଯୋଗାଇଥିବାରୁ । |
| ଜାନୁୟାରୀ ୩ ⇨ | ୨୦୨୩ ପାଇଁ ସମସ୍ତ ମଣ୍ଡଳୀ ଓ ବିଶ୍ୱାସୀଙ୍କୁ ଉତ୍ତମ ପ୍ରତିଜ୍ଞାସବୁ ଦେଇଥିବାରୁ । |

### ପ୍ରାର୍ଥନାର ବିଷୟ

| | |
|---|---|
| ଜାନୁୟାରୀ ୪ ⇨ | ଆହ୍ୱାନର ପ୍ରତିଧ୍ୱନିର ଗଣମାଧ୍ୟମ ସେବା ନିମନ୍ତେ ଏକ ଭିଡ଼ିଓ କ୍ୟାମେରା ଯୋଗାଇବା ପାଇଁ । |
| ଜାନୁୟାରୀ ୫ ⇨ | ସେଣ୍ଟପଲ୍‌ସ୍ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମର ଅଧ୍ୟକ୍ଷ, ଶିକ୍ଷକ, ଛାତ୍ର ଓ କର୍ମଚାରୀମାନଙ୍କ ନିମନ୍ତେ । |
| ଜାନୁୟାରୀ ୬ ⇨ | ପୃଥିବୀର ସମସ୍ତ ଖ୍ରୀଷ୍ଟିଆନ ଶିକ୍ଷାନୁଷ୍ଠାନର ସୁଖ୍ୟାତି ବଞ୍ଚାଇ ରଖିବା ନିମନ୍ତେ । |
| ଜାନୁୟାରୀ ୭ ⇨ | ସମସ୍ତ ପରିବାରରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ । |
| ଜାନୁୟାରୀ ୮ ⇨ | ପୃଥିବୀର ଲୋକମାନେ ଯେପରି ନୂତନ ନୂତନ ରୋଗରୁ ରକ୍ଷା ପାଇ ଉତ୍ତମ ସ୍ୱାସ୍ଥ୍ୟ ଉପଭୋଗ କରିବେ । |
| ଜାନୁୟାରୀ ୯ ⇨ | ପୃଥିବୀର ସମସ୍ତ ଲୋକଙ୍କ ଆୟ ବୃଦ୍ଧି କରିବା ପାଇଁ । |
| ଜାନୁୟାରୀ ୧୦ ⇨ | ସମସ୍ତ ମଣ୍ଡଳୀରେ ମନ୍ଦ ଶକ୍ତି ବିରୁଦ୍ଧରେ ସ୍ୱର୍ଗୀୟ ସୁରକ୍ଷା ଯୋଗାଇବା ନିମନ୍ତେ । |
| ଜାନୁୟାରୀ ୧୧ ⇨ | ଜଗତର ସମସ୍ତ ନେତା ଯେପରି ସ୍ୱର୍ଗୀୟ ଜ୍ଞାନରେ ପରିପୂର୍ଣ୍ଣ ହୋଇ ଲୋକମାନଙ୍କର ମଙ୍ଗଳ ଦିଗରେ କାର୍ଯ୍ୟ କରିବେ । |
| ଜାନୁୟାରୀ ୧୨ ⇨ | ସମସ୍ତ ମଣ୍ଡଳୀ ଓ ଖ୍ରୀଷ୍ଟିୟାନ ଅନୁଷ୍ଠାନଗୁଡ଼ିକ ଯେପରି ଆଇନ ସମ୍ମତ ଭାବରେ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇବେ । |
| ଜାନୁୟାରୀ ୧୩ ⇨ | ଯୁବକମାନଙ୍କ ମଧ୍ୟରେ ହିଂସା ଓ ନରହତ୍ୟାରୂପକ ମନ୍ଦାତ୍ମାଗୁଡ଼ିକୁ ଦୂର କରି ସେମାନଙ୍କୁ ପବିତ୍ର ଆତ୍ମାରେ ଭରିବା ନିମନ୍ତେ । |
| ଜାନୁୟାରୀ ୧୪ ⇨ | ଦେଶ ଦେଶ ମଧ୍ୟରେ ଶାନ୍ତି ଓ ଅର୍ଥନୈତିକ ଉନ୍ନତି ନିମନ୍ତେ । |
| ଜାନୁୟାରୀ ୧୫ ⇨ | ଆମର ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିବା ପାଇଁ । |
| ଜାନୁୟାରୀ ୧୬ ⇨ | ଖ୍ରୀଷ୍ଟିଆନମାନେ ଯେପରି ଈଶ୍ୱରଙ୍କ ବାକ୍ୟର ଅନୁଗାମୀ ହୋଇ ଖ୍ରୀଷ୍ଟ ସଦୃଶ ଚରିତ୍ର ପାଇବେ । |
| ଜାନୁୟାରୀ ୧୭ ⇨ | ନୂତନ ବର୍ଷ ୨୦୨୩ରେ ମଧ୍ୟ ଯେପରି ଈଶ୍ୱରଙ୍କର ବଳବନ୍ତ ହସ୍ତ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସଦସ୍ୟମାନଙ୍କ ଉପରେ ରହିବ । |
| ଜାନୁୟାରୀ ୧୮ ⇨ | ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କ ନିମନ୍ତେ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ହେଉଥିଲା ଓ ସେମାନେ ଆର୍ଦ୍ର ଥିଲେ । ମେଷପାଳକମାନେ ଏପରି ଗଣ୍ୟମାନ୍ୟ ଲୋକ ନ ଥିଲେ ଯେ ସେମାନଙ୍କୁ କୌଣସି ଉତ୍ସବକୁ ଆମନ୍ତ୍ରିତ କରାଯାଇ ପାରୁଥିଲା କାରଣ ସେମାନେ ଦୁର୍ଗନ୍ଧଯୁକ୍ତ ଥିଲେ । ସମାଜରେ ସେମାନଙ୍କର ସମ୍ମାନ ନ ଥିଲା । ତଥାପି ଈଶ୍ୱର ସର୍ବୋଚ୍ଚ ସ୍ଥାନରୁ ସର୍ବନିମ୍ନ ସ୍ଥାନକୁ ଓହ୍ଲାଇ ଆସିଥିଲେ ଓ ତାଙ୍କ ପୁତ୍ରଙ୍କର ଜନ୍ମ ଦିବସରେ ସେମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ ସେମାନଙ୍କର ମେଷମାନଙ୍କୁ ହିଂସ୍ରଜନ୍ତୁ ଓ ଅନ୍ୟ ଶିକାରୀମାନଙ୍କଠାରୁ ସୁରକ୍ଷା ଦେବା ପାଇଁ ପ୍ରତି ରାତ୍ରିରେ ବାହାରେ ରହି ସେମାନଙ୍କୁ ଜଗୁଥିଲେ । ବାଇବଲ କହେ ଯେ, ସ୍ୱର୍ଗଦୂତ ମଧ୍ୟରାତ୍ରିରେ ଦେଖା ଦେଇଥିଲେ ଓ ହଠାତ୍ ଆକାଶ ଆଲୋକିତ ହୋଇଥିଲା ଓ ଦୂତ ମେଷପାଳକମାନଙ୍କୁ କହିଥିଲେ, ''ଭୟ କର ନାହିଁ । ମୁଁ ତୁମ୍ଭମାନଙ୍କ ନିକଟକୁ ମହା ଆନନ୍ଦଜନକ ସୁସମ୍ବାଦ ଆଣିଅଛି ।'' ଯେତେଥର କୌଣସି ଦୂତ ଦେଖା ଦିଅନ୍ତି, ସେ ''ଭୟ କର ନାହିଁ'' ବୋଲି କହି କଥା ଆରମ୍ଭ କରନ୍ତି କାରଣ ଜଣେ ଦୂତଙ୍କୁ ଦେଖିବା ମାତ୍ରେ ଭୟ ଜାଗ୍ରତ ହୁଏ । ବଡ଼ଦିନର ମହାନନ୍ଦଜନକ ସୁସମ୍ବାଦ କେବଳ ଖ୍ରୀଷ୍ଟିଆନମାନଙ୍କ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା ।

ଯୀଶୁ କେବଳ କେତେକ ନିର୍ଦ୍ଦିଷ୍ଟ ଲୋକଙ୍କ ନିମନ୍ତେ ଆସି ମୃତ୍ୟୁବରଣ କରି ନ ଥିଲେ । ସେ ସମସ୍ତଙ୍କ ପାଇଁ ମୃତ୍ୟୁବରଣ କରିଥିଲେ । ଏହା ସମସ୍ତ ଲୋକଙ୍କ ପାଇଁ ସୁସମ୍ବାଦ ଅଟେ । ପୁଣି ସେ କହିଥିଲେ ଯେ ''ଆଜି ଦାଉଦ ନଗରରେ ତୁମ୍ଭମାନଙ୍କ ନିମନ୍ତେ ଏକ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଛନ୍ତି । ଏହା ତୁମ୍ଭମାନଙ୍କର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ । ସେ ଖ୍ରୀଷ୍ଟ ପ୍ରଭୁ ଅଟନ୍ତି ।'' ମେଷପାଳକମାନେ ବେଥଲିହିମକୁ ଦୌଡ଼ିଲେ । ଆମେ ପାଠ କରୁ – ''ଏଥିରେ ସେମାନେ ଶୀଘ୍ର ଯାଇ ଅନ୍ୱେଷଣ କରି ମରିୟମ ଓ ଯୋଷେଫଙ୍କୁ, ପୁଣି ଗୁହାଳ କୁଣ୍ଡରେ ଶିଶୁଙ୍କୁ ଶୋଇଥିବାର ଦେଖିଲେ । ସେମାନେ ଏହା ଦେଖି ସେହି ଶିଶୁଙ୍କ ସମ୍ବନ୍ଧରେ ସେମାନଙ୍କୁ ଯେଉଁ କଥା କୁହାଯାଇଥିଲା, ତାହା ପ୍ରକାଶ କଲେ । ପୁଣି ଯେତେ ଲୋକ ମେଷପାଳକମାନଙ୍କଠାରୁ ସେହି ସବୁ କଥା ଶୁଣିଲେ, ସେମାନେ ସମସ୍ତେ ସେଥିରେ ଚମତ୍କୃତ ହେଲେ'' (ଲୂକ ୨:୧୬–୧୮) ।

ମେଷପାଳକମମାନେ ଶୀଘ୍ର ବେଥଲିହିମରେ ପହଞ୍ଚିଲେ ଓ ସେଠାରେ ସେମାନେ ଯୋଷେଫ, ମରିୟମ ଓ ଗୁହାଳକୁଣ୍ଡରେ ଶୋଇଥିବା ଶିଶୁଙ୍କୁ ଦେଖିଲେ । ପୁଣି ସେମାନେ ତାଙ୍କୁ ଦେଖିବା ପରେ ଈଶ୍ୱରଙ୍କର ପ୍ରଶଂସା ଓ ଧନ୍ୟବାଦ କରୁ କରୁ ନିଜ ନିଜ କ୍ଷେତକୁ ଫେରିଗଲେ । ସେମାନେ ଯାହା ସବୁ ଦେଖିଥିଲେ ଓ ଦୂତଙ୍କଠାରୁ ଯାହାସବୁ ଶୁଣିଥିଲେ, ତାହା ନିମନ୍ତେ ସେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଓ ପ୍ରଶଂସାର ଗୀତ ଗାଇଥିଲେ । ସେମାନେ ଆନନ୍ଦ କରିଥିଲେ । ଯୋଷେଫ ସହଯୋଗ କରିଥିଲେ ଓ ମେଷପାଳକମାନେ ଆନନ୍ଦ କରିଥିଲେ । ସେମାନେ ନିଶ୍ଚୟ ଏକ ଭୋଜି କରିଥିବେ । ବଡ଼ଦିନ ଏକ ଉତ୍ସବ ଅଟେ, ଏକ ଶେଷକୃତ୍ୟ ନୁହେଁ । ସେଥିପାଇଁ ଆମେ କହୁ, ''ଆନନ୍ଦମୟ ବଡ଼ଦିନ ।''

ଖ୍ରୀଷ୍ଟଙ୍କର ଜନ୍ମ ସମସ୍ତ ଲୋକଙ୍କ ପାଇଁ ମହାନନ୍ଦଜନକ ସୁସମ୍ବାଦ ଅଟେ । କାରଣ ଆମ ସମସ୍ତଙ୍କ ପାଇଁ ଦାଉଦ ନଗରରେ ଏକ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଥିଲେ, ସେ ଖ୍ରୀଷ୍ଟ ପ୍ରଭୁ ଅଟନ୍ତି । ତାହା ହିଁ ସର୍ବୋତ୍ତମ ସମ୍ବାଦ ଅଟେ । ଆପଣ ଆପଣଙ୍କ ପାପରୁ କ୍ଷମା ପାଇପାରିବେ । ଆପଣ ଜୀବନଯାପନ ପାଇଁ ଏକ ଉଦ୍ଦେଶ୍ୟ ପାଇପାରିବେ । ବଡ଼ଦିନ ଯୋଗୁ ଆପଣ ସ୍ୱର୍ଗରେ ଏକ ସ୍ଥାନ ପାଇପାରିବେ । ଏହା ଏକ ଆନନ୍ଦପୂର୍ଣ୍ଣ ସମୟ ଅଟେ । ବର୍ତ୍ତମାନ ଏଠାରେ ଲକ୍ଷ୍ୟ ଯୋଗ୍ୟ ଏକ ଦ୍ୱିତୀୟ ବିଷୟ ଅଛି । ଯଦି ଆପଣ ଆଶୀର୍ବାଦ ପାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ମେଷପାଳକମାନଙ୍କ ପରି ଆନନ୍ଦ କରିବାକୁ ହେବ କାରଣ ଈଶ୍ୱର ଆମ ସହିତ ଅଛନ୍ତି । ଏହା ଦୁଃଖର ବିଷୟ ଯେ ବଡ଼ଦିନ ସମୟରେ, ଲୋକମାନେ ଆମୋଦ ପ୍ରମୋଦରେ ମଜ୍ଜି ଯାଆନ୍ତି । ବଡ଼ଦିନରେ ସମସ୍ତ ପ୍ରକାର ଭୋଜି ଉତ୍ସବ ଅନୁଷ୍ଠିତ ହୁଏ, ମାତ୍ର ଯୀଶୁଙ୍କୁ ଉଲ୍ଲେଖ କରାଯାଏ ନାହିଁ । କିନ୍ତୁ ବଡ଼ଦିନ ପାଳନର ସମଗ୍ର ଉଦ୍ଦେଶ୍ୟ ହେଉଛି, ''ଈଶ୍ୱର ଆମ ସହିତ ଅଛନ୍ତି ।'' ସେ ପୃଥିବୀକୁ ଆସିଛନ୍ତି, ଆମେ ଆଉ ଏହି ବିଶ୍ୱରେ ଏକାକୀ ନୋହୁଁ । ଆମ ଜୀବନ ପାଇଁ ତାଙ୍କ ନିକଟରେ ଏକ ଯୋଜନା ଓ ଏକ ଉଦ୍ଦେଶ୍ୟ ଅଛି । ସେ ଆମକୁ ପ୍ରେମ କରନ୍ତି ଓ ଆମକୁ କ୍ଷମା ଦିଅନ୍ତି ।

ମେଷପାଳକମାନେ କେବଳ ଆନନ୍ଦ କରିଥିଲେ, ତା' ନୁହେଁ, ମାତ୍ର ସେମାନେ ଏହି ସମ୍ବାଦଟିକୁ ଅନ୍ୟମାନଙ୍କୁ ମଧ୍ୟ ଜଣାଇଥିଲେ । ଆପଣ କେତେ ଦିନ ହେଲାଣି କୌଣସି ଜଣେ ବ୍ୟକ୍ତିଙ୍କୁ ଏହି ସୁସମ୍ବାଦ ଜଣାଇ ନାହାନ୍ତି ? ଆପଣ କେବେ କାହାରିକୁ ସର୍ବୋତ୍ତମ ସମ୍ବାଦଟିକୁ କହିଛନ୍ତି କି ? ଆମ ନିକଟରେ ଥିବା ସୁସମ୍ବାଦଟି ପାପକ୍ଷମା, ଆମ ଜୀବନ ପାଇଁ ଏକ ଉଦ୍ଦେଶ୍ୟ ଓ ସ୍ୱର୍ଗରେ ଏକ ସ୍ଥାନ ସମ୍ବନ୍ଧୀୟ ଅଟେ । ଏହା ସେହି ପ୍ରତ୍ୟେକଙ୍କ ପାଇଁ ଉପଲବ୍ଧ ଅଟେ, ଯେଉଁମାନେ ଯୀଶୁଙ୍କୁ ବିଶ୍ୱାସ କରନ୍ତି ଓ ଗ୍ରହଣ କରନ୍ତି । ବନ୍ଧୁଗଣ, ଆପଣମାନେ ସୁସମ୍ବାଦ ଜଣାଇଛନ୍ତି କି ? ଧର୍ମଶାସ୍ତ୍ର କହେ ଯେ ମେଷପାଳକମାନେ ଯେଉଁମାନଙ୍କୁ ସାକ୍ଷାତ୍ କରୁଥିଲେ, ସେମାନଙ୍କୁ ସୁସମ୍ବାଦ ଜଣାଉଥିଲେ । ଆସନ୍ତୁ, ମେଷପାଳକମାନଙ୍କ ପରି ଏହି ବିଷୟରେ ଆନନ୍ଦ କରିବା ଯେ ଈଶ୍ୱର ଏଠାରେ ଆମ ସହିତ ଅଛନ୍ତି ଓ ସେମାନଙ୍କ ପରି ଆମେ ମଧ୍ୟ ଅନ୍ୟମାନଙ୍କୁ ପରିତ୍ରାଣର ସୁସମ୍ବାଦ ଜଣାଇବା ।

## ୩. ମରିୟମ ଚିନ୍ତା କରିଥିଲେ ।

**''ସେମାନେ ଏହା ଦେଖି ସେହି ଶିଶୁଙ୍କ ସମ୍ବନ୍ଧରେ ସେମାନଙ୍କୁ ଯେଉଁ କଥା କୁହାଯାଇଥିଲା, ତାହା ପ୍ରକାଶ କଲେ, ପୁଣି ଯେତେ ଲୋକ ମେଷପାଳକମାନଙ୍କ ଠାରୁ ସେହି ସବୁ କଥା ଶୁଣିଲେ, ସେମାନେ ସମସ୍ତେ ସେଥିରେ ଚମତ୍କୃତ ହେଲେ । କିନ୍ତୁ ମରିୟମ ଏହି ସମସ୍ତ କଥା ହୃଦୟରେ ରଖି ଆନ୍ଦୋଳନ କରିବାକୁ ଲାଗିଲେ'' (ଲୂକ ୨ : ୧୭–୧୯) ।**

ମରିୟମ ମାତ୍ର ୧୩ ବର୍ଷ ବୟସର ହୋଇଥିଲେ, ମାତ୍ର ଯୋଷେଫଙ୍କୁ ବିବାହ କରିବା ପୂର୍ବରୁ ଗର୍ଭବତୀ ହୋଇଥିଲେ । ଯୋଷେଫଙ୍କ ସହିତ ତାଙ୍କର କେବଳ ବିବାହ-ନିର୍ବନ୍ଧ ହୋଇଥିଲା । ସେ ଈଶ୍ୱରଙ୍କ ପୁତ୍ରଙ୍କୁ ଗର୍ଭରେ ଧାରଣ କରିଥିଲେ । କେହି ଏ କଥା ବିଶ୍ୱାସ କରି ନ ଥିଲେ । ମାତ୍ର ମରିୟମ ଭୟଭୀତ ହୋଇ ନ ଥିଲେ । ତାଙ୍କ ନିକଟରେ ଈଶ୍ୱର ଯେଉଁ ପ୍ରତିଜ୍ଞା କରିଥିଲେ, ସେହି ବିଷୟ ଉପରେ ଚିନ୍ତା କରୁଥିବାରୁ,



ସେ ଭୟଭୀତ ହୋଇ ନ ଥିଲେ । ଯୋଷେଫ ସହଯୋଗ କରିଥିଲେ ଓ ମେଷପାଳକମାନେ ଆନନ୍ଦ କରିଥିଲେ, ମାତ୍ର ମରିୟମ ଚିନ୍ତା ଓ ଅନୁଧ୍ୟାନ କରିଥିଲେ । ସେ ଈଶ୍ୱରଙ୍କ ବାକ୍ୟ ବିଷୟରେ ଚିନ୍ତା କରିଥିଲେ । ମେଷପାଳକମାନଙ୍କଠାରୁ ସବୁକଥା ଶୁଣି ଲୋକମାନେ ଚମତ୍କୃତ ହୋଇଥିଲେ । ମାତ୍ର ମରିୟମ ଏହି ସମସ୍ତ କଥା ହୃଦୟରେ ରଖି ଆନ୍ଦୋଳନ କରିବାକୁ ଲାଗିଲେ । ଈଶ୍ୱର ସମସ୍ତ ନାରୀଙ୍କ ମଧ୍ୟରୁ ମରିୟମଙ୍କୁ ''ଈଶ୍ୱରଙ୍କ ପୁତ୍ର''ଙ୍କର ମା' ହେବା ନିମନ୍ତେ ମନୋନୀତ କରିଥିଲେ । କାରଣ ସେ ଈଶ୍ୱରଙ୍କ ବାକ୍ୟ ପ୍ରତି ମନୋଯୋଗୀ ହୋଇଥିଲେ । ଈଶ୍ୱର କଥା କହିବା ସମୟରେ, ସେ ଶୁଣିଥିଲେ । ସେ କେବଳ ଶୁଣି ନ ଥିଲେ, ସେ ମନେ ରଖିଥିଲେ, ଚିନ୍ତା କରିଥିଲେ ଓ ଅନୁଧ୍ୟାନ କରିଥିଲେ । ସେ ନୀରବରେ ସମସ୍ତ ବିଷୟକୁ ଚିନ୍ତା କରିବାରେ ଲାଗିଥିଲେ, ଯେଉଁମାନେ ମେଷପାଳକମାନଙ୍କର କଥା ଶୁଣିଥିଲେ, ସେମାନେ ଚମତ୍କୃତ ହୋଇଥିଲେ, ମାତ୍ର ମରିୟମ ଚିନ୍ତା କରିଥିଲେ, ବନ୍ଧୁଗଣ, ଏହା ମଧ୍ୟରେ ଗୋଟିଏ ବଡ଼ ପାର୍ଥକ୍ୟ ଅଛି । ଯଦି ଆପଣଙ୍କ ନିକଟରେ ବାକ୍ୟ ଅଛି, ତେବେ ଈଶ୍ୱର ଆପଣଙ୍କୁ ଅବିଶ୍ୱସନୀୟ ଭାବରେ ଆଶୀର୍ବାଦ କରିବେ । ଯଦି ଆପଣ ଜଗତର ଜଣେ ଲୋକ ଅଟନ୍ତି, ତେବେ ଆଶୀର୍ବାଦର କୌଣସି ସ୍ଥାନ ନାହିଁ କାରଣ ଆପଣ ବାକ୍ୟ ବିଷୟରେ ନ ଭାବି ଜଗତ ବିଷୟରେ, ଜାଗତିକ କାର୍ଯ୍ୟ ବିଷୟରେ ଚିନ୍ତା କରୁଥାନ୍ତି ।

ଯଦି ଆପଣ ମରିୟମଙ୍କ ଭଳି ଆଶୀର୍ବାଦପ୍ରାପ୍ତ ହେବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନିରନ୍ତର ବାକ୍ୟ ବିଷୟରେ ଚିନ୍ତା କରିବାକୁ ହେବ । ବାଇବଲ କହେ ଯେ ସେ ଈଶ୍ୱରଙ୍କ କହିଥିବା କଥାକୁ ହୃଦୟ ମଧ୍ୟରେ ରଖି ନୀରବରେ ଓ ନିରନ୍ତର ଚିନ୍ତା କରୁଥିଲେ । ଈଶ୍ୱରଙ୍କ ବାକ୍ୟ ଉପରେ ନିରନ୍ତର ଚିନ୍ତା କରନ୍ତୁ । ଏହା କେବଳ ନାରୀମାନଙ୍କ ନିମନ୍ତେ ନୁହେଁ, ମାତ୍ର ବାକ୍ୟକୁ ଭଲ ପାଉଥିବା ଓ ଶିକ୍ଷା କରୁଥିବା ପ୍ରତ୍ୟେକ

ବ୍ୟକ୍ତି ନିମନ୍ତେ ଏକ ପ୍ରତିଜ୍ଞା ଅଟେ । ‘‘କିନ୍ତୁ ଯେ ସିଦ୍ଧ, ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତାମାତ୍ର ମନ ହୋଇ ବରଂ କାର୍ଯ୍ୟକାରୀ ହୁଏ, ସେ ଆପଣା କାର୍ଯ୍ୟରେ ଧନ୍ୟ’’ (ଯାକୁବ ୧:୨୫) ।

ଯଦି ଆପଣ ଯତ୍ନର ସହିତ ଈଶ୍ୱରଙ୍କର ସିଦ୍ଧ ବାକ୍ୟକୁ ଅଧ୍ୟୟନ କରିବେ, ତେବେ ସେଥିରେ ଥିବା ସତ୍ୟ ଆପଣଙ୍କୁ ମୁକ୍ତ କରିବ । ଯଦି ଏହା ଯାହା କହେ, ତାହାକୁ ଆପଣ ପାଳନ କରିବେ, ତେବେ ଆପଣ ଆଶୀର୍ବାଦପ୍ରାପ୍ତ ହେବେ । ଆପଣଙ୍କ ଗୃହରେ ଗୋଟିଏ ବାଇବଲ ରଖିବା ଦ୍ୱାରା କିମ୍ବା ଆପଣଙ୍କ ମେଜ ଉପରେ ଗୋଟିଏ ବାଇବଲ ରଖିବା ଦ୍ୱାରା ଆପଣ ଆଶୀର୍ବାଦ ପାଇବେ ନାହିଁ । ମାତ୍ର ଏହାକୁ ପଢ଼ିବା ଦ୍ୱାରା, ଅଧ୍ୟୟନ କରିବା ଦ୍ୱାରା, ମୁଖସ୍ଥ କରିବା, ଚିନ୍ତା କରିବା, ଧ୍ୟାନ କରିବା ଓ ବାକ୍ୟ ଯାହା କହେ, ତାହାକୁ ପ୍ରୟୋଗ କରିବା ଓ ସାଧନ କରିବା ଦ୍ୱାରା ହିଁ ଆପଣ ଆଶୀର୍ବାଦ ପାଇବେ । ଯଦି ଆପଣ ଏହାକୁ ଅନୁସରଣ କରିବାରେ ସୁସଂଗତ ଅଟନ୍ତି, ତେବେ ଆପଣ ଆଶୀର୍ବାଦ ପ୍ରାପ୍ତ ହେବେ ।

‘‘ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର, ତାହା କଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳପ୍ରାପ୍ତ ହେବ’’ (ଯିହୋଶୂୟ ୧:୮) । ଏହିପରି ଭାବରେ ବାକ୍ୟକୁ ମନେରଖିବା ପାଇଁ, ଅଧ୍ୟୟନ କରିବା ପାଇଁ, ଅନୁଧ୍ୟାନ କରିବା ପାଇଁ ଓ ପାଳନ କରିବା ପାଇଁ ଏହା କହେ । ତେବେ ଆପଣ ଉନ୍ନତି କରିବେ ଓ ସଫଳ ହେବେ । ତାହା ଈଶ୍ୱରଙ୍କର ପ୍ରତିଜ୍ଞା ଅଟେ । ଈଶ୍ୱର ମନୁଷ୍ୟ ନୁହଁନ୍ତି ଯେ ସେ ମିଥ୍ୟା କହିବେ । ଆପଣ ଈଶ୍ୱରଙ୍କ ବାକ୍ୟକୁ ଯେତେ ଅଧିକ ପାଳନ କରିବେ, ସେତେ ଅଧିକ ସଫଳ ହେବେ । ଈଶ୍ୱର କହିଛନ୍ତି ଯେ ଯଦି ଆମେ ଆଶୀର୍ବାଦ ଚାହୁଁଛୁ, ତେବେ ତାହା ହିଁ ଧର୍ମଶାସ୍ତ୍ରରେ ପ୍ରଦତ୍ତ ସମୃଦ୍ଧି ଓ ସଫଳତାର ଏକମାତ୍ର ପ୍ରତିଜ୍ଞା ଅଟେ । ଏହା ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ, ଚିନ୍ତା ଓ ସାଧନ କରିବା ସହିତ ସଂଯୁକ୍ତ ଅଟେ ।

## ୪. ପଣ୍ଡିତମାନେ ପବିତ୍ରୀକୃତ (ଉତ୍ସର୍ଗୀକୃତ) ହୋଇଥିଲେ ।

**‘‘ଆଉ, (ସେମାନେ) ଗୃହ ଭିତରକୁ ଯାଇ ଶିଶୁଙ୍କୁ ତାହାଙ୍କ ମାତା ମରିୟମଙ୍କ ସାଙ୍ଗରେ ଦେଖିଲେ ଓ ତାହାଙ୍କୁ ଭୂମିଷ୍ଠ ପ୍ରଣାମ କଲେ, ପୁଣି ଆପଣା ଆପଣା ପେଡ଼ି ଫିଟାଇ ସୁନା, କୁନ୍ଦୁରୁ ଓ ଗନ୍ଧରସ ତାହାଙ୍କୁ ଦର୍ଶନୀ ଦେଲେ’’ (ମାଥିଉ ୨:୧୧) ।**

ପଣ୍ଡିତମାନେ ହୁଏତ ଇରାକ୍ କିମ୍ବା ଇରାନ୍‌ରୁ ଆସିଥିବା ରାଜକୀୟ ପରାମର୍ଶଦାତା ଓ ଜ୍ୟୋତିର୍ବିଜ୍ଞାନୀ ଥିଲେ । ସେତେବେଳେ ଏହା ବାବିଲୋନୀୟ କିମ୍ବା ପାରସିକ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଦାନିୟେଲଙ୍କୁ ଗୋଟିଏ ମ୍ୟାଗୀ ଭାବରେ ତାଲିମ ଦିଆଯାଇଥିଲା । ପୂର୍ବ ଦେଶର ମ୍ୟାଗୀ କିମ୍ବା ପଣ୍ଡିତମାନେ ତତ୍କାଳୀନ ପୃଥିବୀର ସର୍ବାଧିକ ଶିକ୍ଷିତ ଲୋକ ଥିଲେ । ସେମାନେ ବୈଜ୍ଞାନିକ ଓ ବିଦ୍ୱାନ ବ୍ୟକ୍ତି ଥିଲେ । ସେମାନେ ଜ୍ୟୋତିଷଶାସ୍ତ୍ର, ସ୍ୱାସ୍ଥ୍ୟ, ଭାଷା ଓ ସାହିତ୍ୟରେ ବିଶେଷଜ୍ଞ ଥିଲେ । ସେମାନେ ମେଷପାଳକମାନଙ୍କର ସଂପୂର୍ଣ୍ଣ ବିପରୀତ ଥିଲେ । ଏହି ପଣ୍ଡିତମାନେ ପୂର୍ବ ଦେଶରୁ ବେଥଲିହିମକୁ ଯାତ୍ରା କରିଥିଲେ ।

ଇରାକ୍, କିମ୍ବା ଇରାନ୍, ପାରସ୍ୟ କିମ୍ବା ବାବିଲୋନ୍‌ରୁ ବେଥଲିହିମକୁ ଯାତ୍ରା କରିବା ପାଇଁ ଅନେକ ଟଙ୍କା ଆବଶ୍ୟକ ଥିଲା । ମାତ୍ର ସେମାନେ ଧନୀ ଥିଲେ ଓ ଏହି ଯାତ୍ରା ପାଇଁ ଅନେକ ସମୟ ବ୍ୟୟ କରିଥିଲେ । ସେମାନେ ଏହା କରିଥିଲେ କାରଣ ଏହା ଏକ ବୌଦ୍ଧିକ ଅନ୍ୱେଷଣ ଥିଲା । ସେମାନେ ଆକାଶରେ ‘ତାରା’କୁ ଦେଖିଥିଲେ । ପୁଣି ସେମାନେ ଧର୍ମଶାସ୍ତ୍ର ଅଧ୍ୟୟନ କରିଥିଲେ, ପାଣ୍ଡୁଲିପିଗୁଡ଼ିକୁ ପଢ଼ିଥିଲେ ଓ ପରଂପରା ଗୁଡ଼ିକୁ ଶିକ୍ଷା କରିଥିଲେ : ବେଥଲିହିମରେ ଜଗତର ତ୍ରାଣକର୍ତ୍ତା ଜନ୍ମ ହେବାର ଏହା ଏକ ଚିହ୍ନ ଥିଲା । ସେଥିପାଇଁ ସେମାନେ ବହୁ ସମୟ ଓ ଅର୍ଥ ବ୍ୟୟ କରି ବେଥଲିହିମକୁ ଯାତ୍ରା କରିଥିଲେ । ସେମାନେ ସତ୍ୟ ଅନ୍ୱେଷଣ କରୁଥିଲେ, ସେମାନେ ଈଶ୍ୱରଙ୍କୁ ଅନ୍ୱେଷଣ କରୁଥିଲେ ଯାହା କରିବା ସର୍ବଦା ଏକ ଜ୍ଞାନପୂର୍ଣ୍ଣ ବିଷୟ ଅଟେ ।

ପ୍ରିୟ ବନ୍ଧୁଗଣ, ଆପଣମାନେ ସତ୍ୟ ଅନ୍ୱେଷଣ କରୁଛନ୍ତି କି ? ଯଦି ହଁ, ତେବେ ଯୀଶୁଙ୍କ ନିକଟକୁ ଆପଣମାନଙ୍କୁ ସ୍ୱାଗତ, ସେ ଆପଣମାନଙ୍କୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଯୀଶୁଙ୍କ ନିକଟକୁ ଆସିବା ପାଇଁ ଆପଣମାନଙ୍କୁ ବିଶେଷ କିଛି କରିବାକୁ ପଡ଼ିବ ନାହିଁ, ଆପଣମାନେ ଯେପରି ଅଛନ୍ତି, ସେହିପରି ଭାବେ ଆସନ୍ତୁ । ପଣ୍ଡିତମାନେ ଏପର୍ଯ୍ୟନ୍ତ ଯୀଶୁଙ୍କର ଅନ୍ୱେଷଣ କରୁଛନ୍ତି । ସେମାନେ ସର୍ବଦା ଯୀଶୁଙ୍କର ଅନ୍ୱେଷଣ କରନ୍ତି । କେବଳ ମୂର୍ଖମାନେ ତାଙ୍କୁ ଖୋଜନ୍ତି ନାହିଁ । ମୂର୍ଖମାନେ ଅପ୍ରସ୍ତୁତିର ଜୀବନ କାଟନ୍ତି ଓ ଅବଶ୍ୟମ୍ଭାବୀ ପରିଣାମ, ଅର୍ଥାତ୍ ମୃତ୍ୟୁର ସମ୍ମୁଖୀନ ହୁଅନ୍ତି ।

**ପଣ୍ଡିତମାନେ ଶିଶୁଙ୍କୁ ତାଙ୍କ ମାତା ମରିୟମଙ୍କ ସହିତ ଦେଖିବା ପରେ, ତାଙ୍କ ସମ୍ମୁଖରେ ନତ ହେଲେ ଓ ତାଙ୍କୁ ଭୂମିଷ୍ଠ ପ୍ରଣାମ କଲେ । ଏହାପରେ ସେମାନଙ୍କର ପେଡ଼ି ଫିଟାଇ ତାଙ୍କୁ ସୁନା, କୁନ୍ଦୁରୁ ଓ ଗନ୍ଧରସ ଉପହାର ସ୍ୱରୂପେ ପ୍ରଦାନ କରିଥିଲେ (ମାଥିଉ ୨:୧୧) ।**

*(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)*


## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର୍

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ‘‘ଆପଣଙ୍କ ନିମନ୍ତେ ନୂତନ ଜୀବନ’’ ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**



**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**



## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*“ଯେ ପାଠ କରେ, ସେ ବୁଝୁ” (ମାଥିଉ ୨୪:୧୫)*

## ଈଶ୍ୱର ଦୁର୍ବଳମାନଙ୍କର ପ୍ରାର୍ଥନା ଶୁଣନ୍ତି

### GOD ANSWERS THE PRAYER OF THE WEAK!

ଈଶ୍ୱରଙ୍କ ଅନୁଗ୍ରହରୁ, ମୁଁ ୧୦-୦୮-୧୯୬୯ରୁ ସେବକୀୟ ତାଲିମ, ପତ୍ରିକା ବଣ୍ଟନ, ପ୍ରାର୍ଥନା ସଭା ପରିଚାଳନା ଓ ମଣ୍ଡଳୀଗୁଡ଼ିକରେ ବାକ୍ୟ ପ୍ରଚାର ସହିତ ମୋର ସୁସମାଚାର ସେବାକାର୍ଯ୍ୟ ଆରମ୍ଭ କରିଥିଲି ।

ମୋତେ କେହି ଈଶ୍ୱରଙ୍କର ଜଣେ ଦାସ ଭାବରେ ଚିହ୍ନୁ ନ ଥିଲେ, କାରଣ ଏହି କ୍ଷେତ୍ରରେ ମୁଁ ଛୋଟ ଓ ନୂତନ ଥିଲି । ଅଧିକନ୍ତୁ, ସେବାକାର୍ଯ୍ୟ ଅବ୍ୟାହତ ରଖିବାରେ ଅର୍ଥ ମୋ’ ପାଇଁ ଗୋଟିଏ ବଡ଼ ପ୍ରତିବନ୍ଧକ ଥିଲା । ଏହା ଫଳରେ ମୋତେ ପ୍ରତିଦିନ ଅନେକ ମାଇଲ୍ ଚାଲିବାକୁ ପଡୁଥିଲା । ସେଥିପାଇଁ, ଦୀର୍ଘ ପଥ ଚାଲିବା ଓ କ୍ଷୁଧାରେ ରହିବା ମୋ’ ସେବାକାର୍ଯ୍ୟର ଏକ ଅବିଚ୍ଛିନ୍ନ ଅଂଶରେ ପରିଣତ ହୋଇଥିଲା । ସେବାକାର୍ଯ୍ୟ ପରିଚାଳନା କରିବା ପାଇଁ ଓ ଉପକରଣ କିଣିବା ପାଇଁ ବହୁ ପରିମାଣର ଅର୍ଥ ଆବଶ୍ୟକ ଥିଲା ।



ମୁଁ ମୋର ସେବାକାର୍ଯ୍ୟର ଆରମ୍ଭରୁ, ମୋର କୌଣସି ବନ୍ଧୁ ଓ ଆତ୍ମୀୟଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ ମାଗିବି ନାହିଁ ବୋଲି ଦୃଢ଼ ବିଶ୍ୱାସ ରଖିଥିଲି । ମୋର ବିଶ୍ୱାସ ଥିଲା ଯେ ଈଶ୍ୱର ମୋତେ ଆହ୍ୱାନ ଜଣାଇଥିବାରୁ, ସେ ତାଙ୍କ କାର୍ଯ୍ୟ ପାଇଁ ମୋତେ ଅର୍ଥ ଓ ସାହାଯ୍ୟ ଯୋଗାଇବେ । ଆଜି ପର୍ଯ୍ୟନ୍ତ ଏହି ନିୟମରେ ସ୍ଥିର ରହିବା ପାଇଁ ଈଶ୍ୱର ମୋତେ ସାହାଯ୍ୟ କରିଛନ୍ତି । ଏହି ନିୟମ ମାନିଥିବାରୁ, ମୋତେ ଅବର୍ଣ୍ଣନୀୟ କଷ୍ଟ ଓ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ମୁଁ ମାନସିକ ଓ ଶାରୀରିକ ଭାବେ ଏତେ ପରିମାଣରେ ଆକ୍ରାନ୍ତ ହୋଇଥିଲି ଯେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ମୁଁ ପରିଚାଳନା କରିବା ପାଇଁ ସମର୍ଥ ହୋଇ ନ ଥିଲି । ମୋର ଜଣେ ଆତ୍ମୀୟ, ଶ୍ରୀଯୁକ୍ତ ସ୍ୱର୍ଣ୍ଣରାଜ ମୋତେ ପରିବହନ ବିଭାଗରେ ଗୋଟିଏ ସରକାରୀ ଚାକିରୀ ମଧ୍ୟରେ ପ୍ରବେଶ କରାଇବାକୁ ଚେଷ୍ଟା କରିଥିଲେ । ପୁଣି ପାଲାପାଲ୍ଲାମ (ମାଥିକୋଡ)ର ଈଶ୍ୱରଙ୍କ ଜଣେ ଦାସ ଓ ମୋର ଜଣେ ବନ୍ଧୁ, କାଲେବ ମୋ’ ପାଇଁ ଗୋଟିଏ ବେସରକାରୀ ଫାର୍ମରେ କାର୍ଯ୍ୟଟିଏ ଯୋଗାଇ ଦେବା ନିମନ୍ତେ ଚେଷ୍ଟା କରିଥିଲେ । ମାତ୍ର ସେମାନଙ୍କ ଉଭୟଙ୍କର ଚେଷ୍ଟା ବିଫଳ ହୋଇଥିଲା ।




ଏହିପରି ଏକ ପରିସ୍ଥିତିରେ, ୧୭-୦୫-୧୯୭୧ରେ, ମୁଁ ଉପବାସ ରଖିଥିବା ସମୟରେ, ସଦାପ୍ରଭୁଙ୍କ ଆତ୍ମା ଏକ ସ୍ଥାୟୀ ଚାକିରୀ ନିମନ୍ତେ ପ୍ରାର୍ଥନା କରିବାକୁ ଗଭୀର ଭାବେ ପରିଚାଳିତ କରିଥିଲେ । ଏହି ପ୍ରାର୍ଥନା ଫଳରେ, ମୋ’ ମଧ୍ୟରେ ଏହି ଦୃଢ଼ ପ୍ରତ୍ୟୟ ଆସିଲା ଯେ “ଗୋଟିଏ ମାସ ମଧ୍ୟରେ ମୋତେ ଈଶ୍ୱର ଗୋଟିଏ ସ୍ଥାୟୀ ଚାକିରୀ ଦେବେ ଓ ସେହି ଚାକିରୀ ଦ୍ୱାରା ମୁଁ ଜୀବିକାର୍ଜ୍ଜନ କରିବି ।” ନିମ୍ନ ଶାସ୍ତ୍ରାଂଶ ଅନୁସାରେ, ଯଥା – “ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି । ପୁଣି ଆମ୍ଭେମାନେ ତାହାଙ୍କ ନିକଟରେ ଯାହା କିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ, ସେହି ସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ” (୧ ଯୋହନ ୫:୧୪,୧୫) । ମୁଁ ଗୋଟିଏ ନୂତନ ଚାକିରୀ ପାଇଛି ବୋଲି ବିଶ୍ୱାସ କରି, ସେଥିରେ ଯୋଗ ଦେବା ପାଇଁ ମୁଁ ଯଥା ସମ୍ଭବ ପ୍ରସ୍ତୁତି ଆରମ୍ଭ କଲି । ଯେଉଁମାନେ ମୋର ଏହି ପ୍ରକାର କାର୍ଯ୍ୟକଳାପ ସବୁ ଦେଖିଲେ, ସେମାନେ ମୋର ମାନସିକ ସ୍ଥିତି ବିଷୟରେ ସନ୍ଦେହ କରିବା ଆରମ୍ଭ କଲେ । ମୁଁ ଈଶ୍ୱରଙ୍କୁ ସଂପୂର୍ଣ୍ଣ ଭାବରେ ବିଶ୍ୱାସ କରୁଥିଲି ।



ଦିନ ଅତିକ୍ରାନ୍ତ ହେବାରେ ଲାଗିଲା ଓ ମୁଁ ପ୍ରତିଦିନ ଆଗ୍ରହର ସହିତ ପୋଷ୍ଟମ୍ୟାନକୁ ଅପେକ୍ଷା କରୁଥିଲି । ଗୋଟିଏ ମାସ ପରେ, ଠିକ୍, ୧୮-୦୬-୧୯୭୧ରେ, ମୁଁ ପ୍ରଭୁଙ୍କ ଉପରେ ବିଶ୍ୱାସ ରଖି ପୋଷ୍ଟ ଅଫିସକୁ ଗଲି । ପୋଷ୍ଟମ୍ୟାନ, ଶ୍ରୀ ନେଲାଇଆପ୍ପନ୍ ମୋତେ ଦେଖିବା ମାତ୍ରେ, ମୋତେ ଏହି ସୂଚନା ଦେଲେ ଯେ ମୋ’ ପାଇଁ କିଛି ଆସି ନାହିଁ । ତଥାପି ଈଶ୍ୱରଙ୍କ ପ୍ରତିଜ୍ଞା ଉପରେ ଦୃଢ଼ ବିଶ୍ୱାସ ରଖି, ମୁଁ ସେଠାରେ ବସି ରହି ପ୍ରାର୍ଥନା କରୁଥିଲି । ମୋତେ ଆଶ୍ଚର୍ଯ୍ୟାନ୍ୱିତ କରି, ସେହି ପୋଷ୍ଟମ୍ୟାନ କିଛି ସମୟ ପରେ ମୋତେ କହିଲେ, “ସାମ୍, ତୁମ ପାଇଁ ଗୋଟିଏ ରେଜିଷ୍ଟର୍ଡ ଚିଠି ଆସିଛି । ଏଠାରେ ଦସ୍ତଖତ କରି ଏହାକୁ ନେଇଯାଅ ।” ମୁଁ ଚିଠିଟିକୁ ଖୋଲିବା ପରେ ଦେଖିଲି ଯେ ଶ୍ରମ ବିଭାଗରେ ଯୋଗ ଦେବା ପାଇଁ ଏହା ଚେନ୍ନାଇର TNPSC କାର୍ଯ୍ୟାଳୟରୁ ଆସିଥିବା ଏକ ନିଯୁକ୍ତ ପତ୍ର ଥିଲା । ଏହା କିଛି ବର୍ଷ ପୂର୍ବେ ଲେଖିଥିବା ମୋର ପରୀକ୍ଷାର ଫଳ ଥିଲା । ଏହା ମୋର ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଓ ଏକ ଅଲୌକିକ ଶକ୍ତି ଦ୍ୱାରା କ୍ଷିପ୍ର ହୋଇଥିଲା ।





*My co-workers when I left my Government job - 1994*





*Farewell by Mr. A. Shenbagam B.E., Chief Inspector of Factories with my co-workers at the time of leaving my Government job in 1994*

ମୁଁ ଖୁସିରେ ଚେନ୍ନାଇକୁ ଆସି ଚାକିରୀରେ ଯୋଗ ଦେଇଥିଲି । ମୋ' ଦରମାର ଅଧିକ ଭାଗ ମୋର ସେବା କାର୍ଯ୍ୟରେ ବିନିଯୋଗ ହେଉଥିଲା । ପରେ, ୧୯୯୪ରେ, ପ୍ରଭୁ ସଂପୂର୍ଣ୍ଣ ସମୟ ସେବାକାର୍ଯ୍ୟ ପାଇଁ ସରକାରୀ ଚାକିରୀ ଛାଡ଼ିବାକୁ ଆଦେଶ ଦେଇଥିଲେ ଓ ମୁଁ ତାଙ୍କ ଆହ୍ୱାନର ବାଧ୍ୟ ହୋଇ ସଂପୂର୍ଣ୍ଣ ସମୟ ସେବାକାର୍ଯ୍ୟ ମଧ୍ୟରେ ପ୍ରବେଶ କରିଥିଲି ।

ଆମର ଈଶ୍ୱର ଉତ୍ତମ ଅଟନ୍ତି । ସେ ସମୟାନୁବର୍ତ୍ତୀ ଅଟନ୍ତି । ତାଙ୍କୁ ଖୁବ୍ ଜୋର୍‌ରେ ଧରି ରଖନ୍ତୁ । ଆପଣ ସଫଳତା ପାଇବେ । ସେ ଆଜି ମନୋଯୋଗର ସହିତ ଆପଣଙ୍କୁ ନିରୀକ୍ଷଣ କରୁଛନ୍ତି ।

**"ଯାହାର ମନ ତୁମ୍ଭଠାରେ ସ୍ଥିର ଥାଏ, ତାହାକୁ ତୁମ୍ଭେ ସଂପୂର୍ଣ୍ଣ ଶାନ୍ତିରେ ରଖିବ, କାରଣ ସେ ତୁମ୍ଭଠାରେ ନିର୍ଭର ରଖେ" (ଯିଶାଇୟ ୨୬:୩) ।**

(୭ମ ପୃଷ୍ଠାର ଅବଶିଷ୍ଟାଂଶ)

ଲକ୍ଷ୍ୟ କରନ୍ତୁ, ସେମାନେ ମରିୟମଙ୍କ ସମ୍ମୁଖରେ ନତ ହୋଇ ତାଙ୍କୁ ପ୍ରଣାମ କରି ନ ଥିଲେ । ସେ ସେହି କୋଠରୀ ମଧ୍ୟରେ ଥିଲେ । ତଥାପି ସେମାନେ କେବଳ ଯୀଶୁଙ୍କୁ ଭୂମିଷ୍ଠ ପ୍ରଣାମ କରିଥିଲେ ଓ ସେମାନଙ୍କର ପେଡ଼ି ଫିଟାଇ ତାଙ୍କୁ ସୁନା, କୁନ୍ଦୁରୁ ଓ ଗନ୍ଧରସ ଉପହାର ସ୍ୱରୂପେ ଦେଇଥିଲେ । ଏହି ତିନୋଟି ଉପହାର ମଧ୍ୟରୁ ପ୍ରତ୍ୟେକଟି ଉପହାର ନିଜ ଜୀବନ ଓ ପୁନରୁତ୍ଥାନ ସମୟରେ ଯୀଶୁ କରିବାକୁ ଯାଉଥିବା କାର୍ଯ୍ୟଗୁଡ଼ିକର ଏକ ପ୍ରତୀକ ଥିଲା । **"ପରେ ହେରୋଦଙ୍କ ନିକଟକୁ ବାହୁଡ଼ି ନ ଯିବା ପାଇଁ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇ ସେମାନେ ଅନ୍ୟ ପଥ ଦେଇ ସ୍ୱଦେଶକୁ ପ୍ରସ୍ଥାନ କଲେ ।"** ଯେତେବେଳେ ମଧ୍ୟ ଆପଣ ଯୀଶୁଙ୍କ ସହିତ ରହନ୍ତି, ସେତେବେଳେ ଏହା ଆପଣଙ୍କ ଗମନର ପଥକୁ, ଆପଣଙ୍କର କାର୍ଯ୍ୟ ଶୈଳୀକୁ ପରିବର୍ତ୍ତନ କରିଦିଏ । ଈଶ୍ୱରଙ୍କ ଭଳି କୌଣସି ଶ୍ରେଷ୍ଠ ବ୍ୟକ୍ତି ଆମ ଜୀବନ ମଧ୍ୟକୁ ଆସି ଆମକୁ ପରିବର୍ତ୍ତନ କରିପାରିବେ ନାହିଁ । ଯଦି ଆପଣ ଆପଣଙ୍କ ଜୀବନରେ ଈଶ୍ୱରଙ୍କୁ ପାଇଛନ୍ତି ବୋଲି ଭାବୁଛନ୍ତି, ଅଥଚ ଏହା ଆପଣଙ୍କୁ ପରିବର୍ତ୍ତନ କରି ନାହିଁ, ତେବେ ଆପଣ ଈଶ୍ୱରଙ୍କୁ ନୁହେଁ, ମାତ୍ର ଅନ୍ୟ କାହାକୁ ପାଇଛନ୍ତି । ଈଶ୍ୱର ଅତି ମହାନ୍ ହୋଇଥିବାରୁ, ସେ ଆପଣଙ୍କ ଦିଗକୁ ପରିବର୍ତ୍ତନ ନ କରି ଆପଣଙ୍କ ଜୀବନ ମଧ୍ୟକୁ ଆସିପାରିବେ ନାହିଁ ।

ପଣ୍ଡିତମାନଙ୍କୁ ଯୀଶୁଙ୍କ ନିକଟକୁ ଆସିବା ପାଇଁ ବହୁମୂଲ୍ୟ ଦେବାକୁ ପଡ଼ିଥିଲା । ମାତ୍ର ସେମାନେ ତାଙ୍କୁ ଦେଖିବା ପରେ ତାଙ୍କୁ ପ୍ରଣାମ କରିଥିଲେ । ପୁଣି ଏଠାରେ ଚତୁର୍ଥ ଶିକ୍ଷା ରହିଅଛି – ଯଦି ଆପଣ ନିଜ ଜୀବନରେ ଆଶୀର୍ବାଦ ପାଇବାକୁ ଚାହୁଁଛନ୍ତି, ତେବେ ଆପଣ ସେହି ପଣ୍ଡିତମାନଙ୍କ ସଦୃଶ ହୁଅନ୍ତୁ, ଅର୍ଥାତ୍ ନିଜର ସମୟ ଓ ନିଜର ଉପହାରଗୁଡ଼ିକୁ ଯୀଶୁଙ୍କ ପାଇଁ ଉତ୍ସର୍ଗ କରନ୍ତୁ । ସେମାନେ ଯୀଶୁଙ୍କ ନିକଟକୁ ଉପହାର ଆଣିଥିଲେ । ଆପଣ ଆପଣଙ୍କ ଜୀବନରେ ପାଇଥିବା ସମସ୍ତ ବିଷୟ କୌଣସି ପ୍ରକାରେ ତାଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା । ଈଶ୍ୱରଙ୍କ ବିନା ଆପଣଙ୍କ ନିକଟରେ କିଛି ରହିବ ନାହିଁ । ଏହା କେବଳ ଈଶ୍ୱର ଆପଣଙ୍କୁ ଦେଇଥିବା ବିଷୟଗୁଡ଼ିକୁ ତାଙ୍କୁ ଫେରାଇ ଦେବା । ଏହାପରେ ସେ ସେଗୁଡ଼ିକୁ ନେଇ ବହୁଗୁଣିତ କରନ୍ତି ଓ ପୁଣି ଥରେ ଆମକୁ ଫେରାଇ ଦିଅନ୍ତି । **"ନିଜ ନିଜକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଜୀବନ୍ତ ବଳି ଭାବରେ ଉତ୍ସର୍ଗ କରନ୍ତୁ । ତାଙ୍କର ସେବା ପ୍ରତି ଉତ୍ସର୍ଗ କରି ତାଙ୍କୁ ସନ୍ତୁଷ୍ଟ କରନ୍ତୁ ।" "ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା" (ରୋମୀ ୧୨:୧)** । ତେବେ ଆସନ୍ତୁ, ଆମ ସମୟକୁ, ଆମର ଜୀବନକୁ ଓ ଆମର ଉପହାର ଗୁଡ଼ିକୁ ଯୀଶୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ।

**"ଆପଣା ଆପଣାର ଅଙ୍ଗ ପ୍ରତ୍ୟଙ୍ଗକୁ ଅଧାର୍ମିକତାର ଅସ୍ତ୍ରଶସ୍ତ୍ରରୂପେ ପାପ ନିକଟରେ ସମର୍ପଣ କର ନାହିଁ, କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଜୀବିତ ହେଲା ପରି ଆପଣା ଆପଣାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କର, ପୁଣି ଆପଣା ଆପଣା ଅଙ୍ଗପ୍ରତ୍ୟଙ୍ଗକୁ ଧାର୍ମିକତାର ଅସ୍ତ୍ରଶସ୍ତ୍ର ରୂପେ ଈଶ୍ୱରଙ୍କ ନିକଟରେ ସମର୍ପଣ କର"** (ରୋମୀ ୬:୧୩) । ତାହା ଅପେକ୍ଷା ଅଧିକ ବିଜ୍ଞତାର ବିଷୟ ଆଉ କିଛି ନାହିଁ । ନିଜକୁ କୌଣସି ଅସ୍ଥାୟୀ ବିଷୟ ନିକଟରେ ସମର୍ପଣ କରନ୍ତୁ ନାହିଁ । ନିଜର ପ୍ରତ୍ୟେକ ଅଙ୍ଗକୁ ଈଶ୍ୱରଙ୍କର ଉତ୍ତମ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହେବା ନିମନ୍ତେ ତାଙ୍କ ହସ୍ତର ଏକ ଉପକରଣ ହେବା ଉଦ୍ଦେଶ୍ୟରେ ବ୍ୟବହାର କରନ୍ତୁ ।

## ଆପଣ ଯୀଶୁଙ୍କୁ କ'ଣ ଦେବାକୁ ଯାଉଛନ୍ତି ?

ଆପଣ ଏହି ବଡ଼ଦିନ ସମୟରେ ଅନ୍ୟ ଲୋକମାନଙ୍କୁ ଉପହାର ଦେବା ପାଇଁ ଅନେକ ସମୟ, ଚିନ୍ତା ଓ ଅର୍ଥ ବ୍ୟୟ କରିବେ । ବଡ଼ଦିନରେ ଆପଣ ଯୀଶୁଙ୍କୁ କ'ଣ ଦେବେ ? ଆପଣ ଏପରି ଗୋଟିଏ ଜନ୍ମଦିନ ଉତ୍ସବର କଳ୍ପନା କରିପାରିବେ ନାହିଁ ଯେଉଁଠାରେ ଜନ୍ମିତ ବାଳକକୁ ଉପହାର ଦେବା ପରିବର୍ତ୍ତେ ଲୋକମାନେ ଏକ ଆରେକକୁ ଉପହାର ଦେଉଥିବେ । ଏହି ବଡ଼ଦିନରେ ଆପଣ ଯେଉଁ ଗୁରୁତ୍ୱପୂର୍ଣ୍ଣ ଉପହାର ଦେବେ, ତାହା ହେଉଛି, ଯୀଶୁଙ୍କ ନିକଟରେ ନିଜକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗ କରିବାର ଉପହାର । ଯୀଶୁଙ୍କୁ ଆପଣଙ୍କ ସର୍ବୋତ୍ତମ ଉପହାର ଭାବରେ ଆପଣଙ୍କର ସଂପୂର୍ଣ୍ଣ ପ୍ରେମକୁ, ଆପଣଙ୍କର ବିଶ୍ୱାସକୁ ଓ ଆପଣଙ୍କ ଦୃଷ୍ଟିକୁ ପ୍ରଦାନ କରିପାରିବେ । ସେ ଆନନ୍ଦରେ ଆପଣଙ୍କର ଉପହାରଗୁଡ଼ିକୁ ଗ୍ରହଣ କରିବେ ।

ପଣ୍ଡିତମାନେ ବଡ଼ଦିନ-ଉପହାର ଦେବାର ପ୍ରଥା ଆରମ୍ଭ କରିଥିଲେ । ସେମାନେ ଯୀଶୁଙ୍କ ନିକଟକୁ ଉପହାର ଆଣିଥିଲେ । ଆଉ ବର୍ତ୍ତମାନ ଆମେ ପରସ୍ପରକୁ ଉପହାର ଦେଉଛୁ । ମାତ୍ର ସମଗ୍ର ଉପହାର ଦେବା ବିଷୟଟି ଜଗତ ପ୍ରତି ଥିବା ଈଶ୍ୱରଙ୍କର ଅତିରିକ୍ତ ପ୍ରେମରୁ ଆସିଅଛି । ଲେଖାଯାଏ ଯେ ଈଶ୍ୱର ଜଗତକୁ ଏପରି ପ୍ରେମ କଲେ ଯେ ସେ ଆପଣାର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।

**ବର୍ତ୍ତମାନ ଏହି ଚାରୋଟି ବିଷୟ, ଯଥା – ଯୋଷେଫ ସହଯୋଗ କରିଥିଲେ, ମେଷପାଳକମାନେ ଆନନ୍ଦ କରିଥିଲେ, ମରିୟମ ବାକ୍ୟକୁ ଚିନ୍ତା କରିଥିଲେ ଓ ପଣ୍ଡିତମାନେ ଯୀଶୁଙ୍କୁ ସେମାନଙ୍କର ଉପହାର ଉତ୍ସର୍ଗ କରିଥିଲେ । ବନ୍ଧୁଗଣ, ଆପଣଙ୍କୁ କ'ଣ କରିବାକୁ ହେବ, ତାହା ସ୍ଥିର କରନ୍ତୁ ଓ ଈଶ୍ୱରଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ ହୋଇ ଅନ୍ୟମାନଙ୍କ ପ୍ରତି ଆଶୀର୍ବାଦର କାରଣ ହୁଅନ୍ତୁ ।**

************

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ - ଟ. ୧୦୦/- ଆଜୀବନ ସଭ୍ୟଚାନ୍ଦା - ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 19th** DECEMBER 2022.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**